Follow Us
www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର




ବର୍ଷ-୧ ସଂଖ୍ୟା-୪୦ ୧୬ - ୨୨ ଅକ୍ଟୋବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-40 16th -22nd October, 2017 BHUBANESWAR ₹ 5/- (8 Pages)

# ଥାଲାସେମିଆ ରୋଗୀଙ୍କୁ ଏଣିକି ଗସ୍ତଖର୍ଚ୍ଚ

**ଭୁବନେଶ୍ୱର :** ରକ୍ତଜନିତ ରୋଗରେ ପୀଡିତ ରୋଗୀଙ୍କୁ ଅତ୍ୟାଧୁନିକ ପଦ୍ଧତିରେ ଗୁଣାତ୍ମକମାନ ରକ୍ତ ଯୋଗାଇବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଏଥିପାଇଁ ରାଜ୍ୟ ସରକାର ୬ଟି ବ୍ଲଡ୍ ବ୍ୟାଙ୍କରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ନ୍ୟାଟ୍/ପିସିଆର୍ ସ୍କିନିଂ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ବାର୍ଷିକ ୧୨କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଆଗାମୀ ଦିନରେ ରାଜ୍ୟର ସମସ୍ତ ବ୍ଲଡ୍ ବ୍ୟାଙ୍କଗୁଡ଼ିକରେ ଏହି ବ୍ୟବସ୍ଥା ଯୋଗାଇ ଦିଆଯିବ । ଏହି ରୋଗରେ ପୀଡିତ ରୋଗୀଙ୍କୁ ରକ୍ତ ପରିବର୍ତ୍ତନ ନେଇ ନିୟମିତ ହସ୍ପିଟାଲ ଆସିବାକୁ ପଡୁଥିବାରୁ ଏଣିକି ସରକାର ସେମାନଙ୍କୁ ମାସିକ ୫୦୦ ଟଙ୍କା ବାଟ ଖର୍ଚ୍ଚ ଦେବେ । ରକ୍ତ ସମସ୍ୟା ଜନିତ ରୋଗୀଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ କଟକ ଏସ୍‌ସିବି ମେଡିକାଲ କଲେଜରେ ଟ୍ରାନ୍‌ସଫ୍ୟୁଜନ୍ ମେଡିସିନ୍ କ୍ଷେତ୍ରରେ ପିଜି ସିଟ୍ ସଂଖ୍ୟା ବୃଦ୍ଧି କରାଯିବ । ଜୟଦେବ ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ ପକ୍ଷରୁ ସ୍ୱେଚ୍ଛାକୃତ




ରକ୍ତଦାନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି । ରକ୍ତ ସୁରକ୍ଷା ପାଇଁ ସମସ୍ତ ବ୍ଲଡ୍ ବ୍ୟାଙ୍କଗୁଡ଼ିକରେ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବାୟୋଲୋଜିକାଲ୍ ନଏଡା ସହିତ ଲିଙ୍କ୍ କରାଯାଇ ହେମ୍ ଭିଜିଲାନ୍ସ ପ୍ରୋଗ୍ରାମ ଆରମ୍ଭ କରାଯାଇଛି । ରକ୍ତ ସଂଗ୍ରହ ପାଇଁ ୯ଟି ବ୍ଲଡ୍ କଲେକ୍ସନ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଛି ବୋଲି ନବୀନ କହିଛନ୍ତି । ➤ ପୃ-୭

# ଚିହିଁକି ଉଠିଲେ ପ୍ରସାଦ

**ଭୁବନେଶ୍ୱର :** ଏକ ଜାତୀୟ ୱେବ ନ୍ୟୁଜ୍ ପୋର୍ଟାଲରେ ପ୍ରକାଶିତ ଖବରକୁ ନେଇ ସାରା ଦେଶରେ ଚର୍ଚ୍ଚା । ଏଥିରେ ପ୍ରକାଶିତ ହୋଇଥିଲା ଯେ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ପୁଅ ଜୟ ଶାହାଙ୍କ ସମ୍ପତ୍ତି ଗୋଟିଏ ବର୍ଷରେ ୧୬ ହଜାର ଗୁଣ ବଢ଼ିଛି । ଯାହାକୁ ନେଇ ଓଡ଼ିଶାରେ ବିଜୁ ଜନତା ଦଳ ଓ କଂଗ୍ରେସ ଦଳ ପକ୍ଷରୁ ବିଜେପିକୁ ସମାଲୋଚନା କରିବା ପାଇଁ ବଡ ଖୋରାକ ମିଳିଗଲା । ଯଦିଓ ଗତ ଶୁକ୍ରବାର ଏନେଇ ଅମିତ ଶାହା ମୁହଁ ଖୋଲିଛନ୍ତି ଏବଂ କହିଛନ୍ତି ଜୟଙ୍କ କମ୍ପାନୀର କୌଣସି କାରବାର ସରକାରଙ୍କ ସହ ହୋଇନାହିଁ । କିନ୍ତୁ ହଠାତ୍ ବହୁଦିନ ପରେ ନିରବତା ଭାଙ୍ଗି ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଏହି ପ୍ରସଙ୍ଗରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇଦେଲେ । ସତରେ ଯେମିତି ବିଜେପି ଓ ଶାହାଙ୍କୁ



ଘେରିବାକୁ ପୂର୍ବରୁ ସ୍ୱପ୍ନ ଦେଖିଥିଲା ଭଳି ପ୍ରସାଦ କହିଥିଲେ, ବିଜେପିର ଭ୍ରଷ୍ଟାଚାର ଓ ଦୁର୍ନୀତିର ସାମାନ୍ୟ ନମୁନା ହେଉଛି ଜୟଙ୍କ କମ୍ପାନୀର ଆର୍ଥିକ ଅଭିବୃଦ୍ଧି । ବର୍ଷକ ମଧ୍ୟରେ ଜୟ କମ୍ପାନୀ ୮୦ ହଜାର କୋଟି ଟଙ୍କାର ମାଲିକ ହୋଇଛି । ନରେନ୍ଦ୍ର ମୋଦି କେନ୍ଦ୍ରରେ ଶାସନ କ୍ଷମତାକୁ ଆସିବା ପରେ ଶାହାଙ୍କ ପୁଅ, ➤ ପୃ-୭

## ମହାନଦୀ ପାଇଁ ଚୂଡାନ୍ତ ହୋଇନି ଟ୍ରିବ୍ୟୁନାଲ୍ ଗଠନ

# ବିଭ୍ରାନ୍ତରେ ଅଛନ୍ତି ସରକାର



**ଭୁବନେଶ୍ୱର :** ମହାନଦୀ ପ୍ରସଙ୍ଗରେ ଟ୍ରିବ୍ୟୁନାଲ୍ ଗଠନ ଚୂଡ଼ାନ୍ତ ହୋଇପାରିନାହିଁ । ଏଥିପାଇଁ ରାଜ୍ୟ ସରକାର ବିଭ୍ରାନ୍ତିରେ ଅଛନ୍ତି ବୋଲି କହିଛି ସିପିଏମ୍ । ସିପିଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି କହିଥିଲେ, କେନ୍ଦ୍ର ସରକାରଙ୍କ ଆଟର୍ଣ୍ଣି ଜେନେରାଲ୍ ସୁପ୍ରିମକୋର୍ଟରେ ଜବାବ ରଖିନାହାନ୍ତି । ଜଣେ ଜୁନିୟର ସରକାରୀ ଓକିଲ ସୁପ୍ରିମକୋର୍ଟରେ କହିଛନ୍ତି ଯେ ନଭେମ୍ବର ୧୯ରେ ମହାନଦୀ ଟ୍ରିବ୍ୟୁନାଲ୍ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବ । ମାତ୍ର କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ମହାନଦୀ ଟ୍ରିବ୍ୟୁନାଲ୍ ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇନାହାନ୍ତି । ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରୁଥିବା ବନ୍ଧର ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ମଧ୍ୟ ସୁପ୍ରିମକୋର୍ଟ କୌଣସି ରହିତାଦେଶ ଜାରି କରିନାହାନ୍ତି । ଶ୍ରୀ ପତି କହିଥିଲେ, ମହାନଦୀର ଜଳ ବଣ୍ଟନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଟ୍ରିବ୍ୟୁନାଲ୍ ଗଠନ ପାଇଁ ଓଡ଼ିଶା ➤ ପୃ-୭

## ଆରୁଷି-ହେମ୍‌ରାଜ ହତ୍ୟା ମାମଲା, ସନ୍ଦେହରେ ତଦନ୍ତ

# ତଲୱାର ଦମ୍ପତି ଦୋଷମୁକ୍ତ

**ଆହ୍ଲାବାଦ୍ :** ବହୁଚର୍ଚ୍ଚିତ ଆରୁଷି - ହେମ୍‌ରାଜ ଡବଲ୍ ମର୍ଡର ମାମଲାରେ ଆହ୍ଲାବାଦ ହାଇକୋର୍ଟ ଆରୁଷିର ପିତାମାତା ଡାକ୍ତର ରାଜେଶ ତଲୱାର୍ ଓ ନୂପୁର ତଲୱାର୍‌ଙ୍କୁ ଦୋଷମୁକ୍ତ କରିଛନ୍ତି । ୨୦୦୮ ମସିହାରେ ଘଟିଥିବା ଏହି ଘଟରାରରେ ତଲୱାର୍ ଦମ୍ପତିଙ୍କ ବିରୋଧରେ ମିଳିଥିବା ପ୍ରମାଣକୁ ଭିତ୍ତି କରି ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି କୋର୍ଟ । ଏହା ଫଳରେ ସିବିଆଇ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଦୀର୍ଘ ୯ ବର୍ଷ ଧରି ଆଇନ ଯୁଦ୍ଧ ଲଢୁଥିବା ତଲୱାର୍ ଦମ୍ପତି ଗାଜିଆବାଦର ଦାସ୍‌ନା ଜେଲ୍‌ରୁ



ଖଲାସ ହୋଇଛନ୍ତି । ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାୟ ପ୍ରକାଶ ପରେ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ ତଲୱାର ଦମ୍ପତି । ହାଇକୋର୍ଟର ବିଚାରପତି ବିକେ ନାରାୟଣ ଓ ଏକେ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଗାଜିଆବାଦ ସିବିଆଇ କୋର୍ଟ ରାୟ ବିରୋଧରେ କରିଥିବା ଅପିଲ୍‌କୁ କାଏମ୍ ରଖି କହିଛନ୍ତି, ନିମ୍ନ ଅଦାଲତର ଫୈସଲା ବଳିଷ୍ଠ ପ୍ରମାଣକୁ ଭିତ୍ତିକରି ନୁହେଁ, ବରଂ ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରମାଣକୁ ଭିତ୍ତିକରି ହୋଇଛି । ତେଣୁ ତଲୱାର୍ ଦମ୍ପତିଙ୍କୁ ସନ୍ଦେହର ଫାଇଦା (ବେନିଫିଟ୍ ଅଫ୍ ଡାଉଟ୍) ମିଳିବା ଦରକାର । ➤ ପୃ-୭

# ବିଜେଡି-ବିଜେପି କଳି ବଢୁଛି

**ଭୁବନେଶ୍ୱର :** କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଜେଡି ବାରମ୍ବାର ଟାର୍ଗେଟ କରୁଥିଲା ବେଳେ ଦଳର ବରିଷ୍ଠ ମନ୍ତ୍ରୀ ତଥା ଉପସଭାପତି ଡା. ଦାମୋଦର ରାଉତ ବ୍ୟକ୍ତିଗତ ଭାବେ ମଧ୍ୟ ମୋଦି ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି । ତାଙ୍କ ପୂର୍ବରୁ ଦେଶରେ ଜାତୀୟ ଦଳ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କହିଥିଲେ । ମୁଖ୍ୟମନ୍ତ୍ରୀ କହିବାର ଦିନକ ପରେ ମନ୍ତ୍ରୀ ଡା. ରାଉତ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ପ୍ରତିଶ୍ରୁତି ଉପରେ ପ୍ରଶ୍ନଚିହ୍ନ ଲଗାଇଛନ୍ତି । ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ପ୍ରତି ବିଜେଡିର ଏଭଳି ଆକ୍ରମାଣାତ୍ମକ ଆଭିମୁଖ୍ୟ ଏବେ ରାଜ୍ୟ ରାଜନୀତିକୁ ସରଗରମ କରିଛି । ସୂଚନା ଓ ଲୋକସମ୍ପର୍କ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ



ସାମ୍ବାଦିକ ସମ୍ମିଳନୀରେ ଡା. ରାଉତ ବିଜେପି ଶାସିତ ରାଜ୍ୟ ଗୁଜରାଟ, ଛତିଶଗଡ଼, ରାଜସ୍ଥାନ ଓ ଝାଡ଼ଖଣ୍ଡ ଏବଂ ଓଡ଼ିଶା ମଧ୍ୟରେ ସାକ୍ଷରତା ହାର,ଶିଶୁ ଓ ମାତୃ ମୃତ୍ୟୁହାର, ଜିଡିପି ଅଭିବୃଦ୍ଧି ଆଦି ପ୍ରସଙ୍ଗରେ ବିକାଶର ତୁଳନାତ୍ମକ ଚିତ୍ର ଉପସ୍ଥାପିତ କରି ପ୍ରଧାନମନ୍ତ୍ରୀ ମୋଦି ଓ ➤ ପୃ-୭

# ବିଦା ହେବେନି ରୋହିଙ୍ଗ୍ୟା



**ନୂଆଦିଲ୍ଲୀ :** ମିଆଁମାରରୁ ଭାରତକୁ ଚାଲିଆସିଥିବା ସହସ୍ରାଧିକ ରୋହିଙ୍ଗ୍ୟା ଦେଶର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବା ଦର୍ଶାଇ କେନ୍ଦ୍ର ସରକାର ଏମାନଙ୍କୁ ବିଦା କରିବାକୁ ଚିନ୍ତା କରୁଥିଲା ବେଳେ ସେମାନଙ୍କ ମାନବାଧିକାରକୁ ଅଣଦେଖା କରାଯାଇ ପାରିବ ନାହିଁ ବୋଲି କହିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ । ଦେଶର ସୁରକ୍ଷା ଏବଂ ରୋହିଙ୍ଗ୍ୟାଙ୍କ ମାନବାଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଉପରେ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱାରୋପ କରି ଏ ସମ୍ପର୍କରେ ଆସନ୍ତା ନଭେମ୍ବର ୨୧ରେ ପରବର୍ତ୍ତୀ ଶୁଣାଣି ପାଇଁ ➤ ପୃ-୭

ପବିତ୍ର ଦୀପାବଳି ଅବସରରେ
ବ୍ୟାଙ୍କର ଜମାକାରୀ, ଗ୍ରାହକ,
ଅଂଶୀଦାର ସଭ୍ୟ ଓ ଜନସାଧାରଣଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ
ଅର୍ବାନ ବ୍ୟାଙ୍କ
(ଅଧିକ ସୁଧ ଅଧିକ ଲାଭ)
କେନ୍ଦ୍ରାପଡା

# ୩୧ରେ ମରୁଡ଼ି ଅଞ୍ଚଳ ଘୋଷଣା



**ଭୁବନେଶ୍ୱର :** ଆସନ୍ତା ୩୧ ତାରିଖ ପରେ ରାଜ୍ୟ ସରକାର ମରୁଡ଼ି ଅଞ୍ଚଳ ଘୋଷଣା କରାଯିବ । ଗୁରୁବାର ଏନେଇ ସଚିବାଳୟରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକ ପରେ ଏହା କହିଛନ୍ତି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ । ନିକଟରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ବିଷ୍ଣୁପଦ ସେଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକୁ ଗସ୍ତ କରି ଫେରିବା ପରେ ରାଜ୍ୟର ➤ ପୃ-୭



ପବିତ୍ର କାଳୀପୂଜା ଓ ଦୀପାବଳି ଅବସରରେ କେନ୍ଦୁଝର ଜିଲ୍ଲାବାସୀ, ରାଜ୍ୟବାସୀ ଓ ଦେଶବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । କଲ୍ୟାଣମୟୀ ମା' ଜଗତ୍‌ଜନନୀ ସବୁରି ମନରେ ସୁଖ ଓ ଶାନ୍ତି ଭରିଦିଅନ୍ତୁ । ମା' ଜଗତ୍‌ଜନନୀଙ୍କ ନିକଟରେ ମୋର ପ୍ରାର୍ଥନା ।

ସନାତନ ମହାକୁଡ
ମ୍ୟାନେଜିଂ ପାର୍ଟନର
ଜଗତ୍ ଜନନୀ ସର୍ଭିସେସ୍
ନୟିରା,ବାମେବାରୀ,କେନ୍ଦୁଝର



ଶାରଦୀୟ ଅଭିନନ୍ଦନ



ପବିତ୍ର କାଳୀପୂଜା ଏବଂ ଦୀପାବଳି ଅବସରରେ ଚନ୍ଦକାବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।



ଶ୍ରୀପତି ବଡଜେନା
ସମାଜସେବୀ
ସଭାପତି, ଚନ୍ଦକା ଦୁର୍ଗାପୂଜା କମିଟି
ସଭାପତି, ନବୋଦୟ ସମିତି, ଚନ୍ଦକା

## କେମିତି କଟିବ ଏ ସପ୍ତାହ

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ସପ୍ତାହଟି ଭଲରେ କଟିବ। ପରିବାରରେ ଶାନ୍ତି ବଜାୟ ରହିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ସତର୍କତା ଅବଲମ୍ବନ କରିବା ଜରୁରୀ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିସ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ତେଣୁ ଜଗିରଖି ଚଳିବାକୁ ହେବ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ବିକାଶକୁ ନୂଆ ଦିଗନ୍ତ ଦେବାରେ ରାଜ୍ୟପାଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ରାଷ୍ଟ୍ରପତି

**ନୂଆଦିଲ୍ଲୀ :** ରାଜ୍ୟପାଳମାନେ ସମ୍ପୃକ୍ତ ରାଜ୍ୟର ବିଧାୟକମାନଙ୍କ ସହ ନିରନ୍ତର ଯୋଗାଯୋଗ ରକ୍ଷାକରି ବିକାଶକୁ ଏକ ନୂଆ ଦିଗନ୍ତ ଦେଇପାରିବେ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ଏଠାରେ ୪୮ତମ ରାଜ୍ୟପାଳ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି କହିଛନ୍ତି, ନବ ଭାରତ ଗଠନର ସ୍ୱପ୍ନ ସାକାର କରିବାକୁ ହେଲେ ରାଜ୍ୟପାଳମାନେ ସମ୍ପୃକ୍ତ ପକ୍ଷଗୁଡ଼ିକୁ ଏଥିପାଇଁ ପ୍ରେରଣା ଦେବା ଆବଶ୍ୟକ। ଏଥିସହିତ ଜନକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟକମାନଙ୍କ ସହ ଯୋଗାଯୋଗ ରକ୍ଷା



କରିବା ଦରକାର ବୋଲି କୋବିନ୍ଦ କହିଛନ୍ତି। ଦିଲ୍ଲୀ ଉପରାଜ୍ୟପାଳ ଅନୀଲ ବୈଜଲ୍ ଓ ପୁଡୁଚେରୀର କିରଣ ବେଦୀଙ୍କର ପ୍ରଶାସନିକ ବ୍ୟାପାରରେ ମୁଖ୍ୟମନ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଉଥିବା ପରିପ୍ରେକ୍ଷୀରେ ରାଷ୍ଟ୍ରପତି ରାଜ୍ୟପାଳମାନଙ୍କୁ ଏଭଳ ପରାମର୍ଶ ଦେଇଛନ୍ତି। ଏହି ୨ ଦିନିଆ ରାଜ୍ୟପାଳ ସମ୍ମିଳନୀରେ ୨୭ଟି ରାଜ୍ୟର ରାଜ୍ୟପାଳ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳମାନେ ଯୋଗ ଦେଇଥିଲେ। ରାଷ୍ଟ୍ରପତି କୋବିନ୍ଦ ଆହୁରି କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ରାଜ୍ୟପାଳମାନେ ସଂଯୋଗ ସେତୁ ଭାବରେ କାର୍ଯ୍ୟ କରୁଛନ୍ତି। ତେଣୁ ସେମାନେ ସମ୍ବିଧାନକୁ ବଜାୟ ରଖିବା ସହ ସହଯୋଗ ଭିତ୍ତିକ ସଂଘୀୟ ବ୍ୟବସ୍ଥା ବଜାୟ ରଖିବାକୁ ବିହିତ ପଦକ୍ଷେପ ଗ୍ରହଣ କରିବା ଦରକାର। ୨୦୨୨ରେ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂରଣ ହେଉଥିବାରୁ ସେତେବେଳକୁ ଯେଉଁ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରାଯାଇଛି, ସେ ଦିଗରେ ରାଜ୍ୟପାଳମାନେ ଉଦ୍ୟମ କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ଏହି ରାଜ୍ୟପାଳ ସମ୍ମିଳନୀରେ ଉପରାଷ୍ଟ୍ରପତି ଏମ୍ ଭେଙ୍କୟା ନାଇଡୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଇଥିଲେ।

# ନଭେମ୍ବର ୯ରେ ହିମାଚଳ ବିଧାନସଭା ଭୋଟ୍

**ନୂଆଦିଲ୍ଲୀ :** ହିମାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଛି। ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ ଆସନ୍ତା ନଭେମ୍ବର ୯ରେ ରାଜ୍ୟରେ ଗୋଟିଏ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ କରାଯିବ ଏବଂ ଡିସେମ୍ବର ୧୮ରେ ଫଳାଫଳ ଘୋଷଣା ହେବ। ଗୋଆ ପରେ ହିମାଚଳ ପ୍ରଦେଶ ହେବ ଦ୍ୱିତୀୟ ରାଜ୍ୟ, ଯେଉଁଠି ଭୋଟ୍ ଗ୍ରହଣରେ ଶତପ୍ରତିଶତ ଭିଭିପ୍ୟାଟ୍ ଉପଯୋଗ କରାଯିବ। ମୁଖ୍ୟ ନିର୍ବାଚନ କମିଶନର୍ ଏକେ ଜୋତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରି କହିଛନ୍ତି, ଗୁଜରାଟ ବିଧାନସଭା ନିର୍ବାଚନ ତାରିଖ ପୃଥକ ଭାବେ ଘୋଷଣା କରାଯିବ। କିନ୍ତୁ ଡିସେମ୍ବର ୧୮ ପୂର୍ବରୁ ରାଜ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ଗୋଟିଏ ରାଜ୍ୟର ଭୋଟ୍ ଫଳାଫଳର ପ୍ରଭାବ ଯେପରି ଅନ୍ୟ ରାଜ୍ୟର ନିର୍ବାଚନ ଉପରେ ନ ପଡ଼ିବ, ସେଥିପାଇଁ ଏହା କରାଯିବ। ମୁଖ୍ୟ ନିର୍ବାଚନ କମିଶନର ଜୋତି ଅନ୍ୟ ଦୁଇ କମିଶନର୍ ଓପି ରାୱତ୍ ଓ ସୁନୀଲ ଆରୋରାଙ୍କ ଉପସ୍ଥିତିରେ ଏହି ତାରିଖ ଘୋଷଣା କରି କହିଛନ୍ତି, ବର୍ତ୍ତମାନ ଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହେଲା। ଏହା ହିମାଚଳ ପ୍ରଦେଶ ପାଇଁ ଲାଗୁହେବା ସହ ରାଜ୍ୟ ସମ୍ପର୍କିତ କେନ୍ଦ୍ର ସରକାରଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ଆସନ୍ତା ୨୩ରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ହିମାଚଳ ପ୍ରଦେଶରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ ଏବଂ ସେହି ଦିନ ଠାରୁ ପ୍ରାର୍ଥୀମାନେ ମନୋନୟନ ପତ୍ର ଦାଖଲ କରିବା ଆରମ୍ଭ ହେବ। ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ହେଉଛି ଅକ୍ଟୋବର ୨୬। ରାଜ୍ୟର ୭୫୨୧ ଭୋଟ୍ ଗ୍ରହଣ କେନ୍ଦ୍ର ଏବଂ ଅଗମ୍ୟ ସ୍ଥାନ ପାଇଁ ୪୨ଟି ଅତିରିକ୍ତ ଭୋଟ୍ ଗ୍ରହଣ କେନ୍ଦ୍ରରେ ଇଭିଏମ୍ ବ୍ୟବସ୍ଥା ଲାଗୁ ହେବ। ଉଲ୍ଲେଖଯୋଗ୍ୟ ଯେ, ୬୮ ଆସନ ବିଶିଷ୍ଟ ହିମାଚଳ ପ୍ରଦେଶ ବିଧାନସଭାର କାର୍ଯ୍ୟକାଳ ୨୦୧୮ ଜାନୁଆରୀ ୭ରେ ପୂରିବାକୁ ଯାଉଥିଲା ବେଳେ ଗୁଜରାଟ ବିଧାନସଭା ମିଆଦ ଜାନୁଆରୀ ୨୨ରେ ଶେଷ ହେବ। ହିମାଚଳ ପ୍ରଦେଶରେ ନିର୍ବାଚନ କମିଶନ ୧୩୬ଟି ଭୋଟ୍ ଗ୍ରହଣ କେନ୍ଦ୍ରକୁ କେବଳ ମହିଳାମାନେ ପରିଚାଳନା କରିବେ। ତେବେ ପ୍ରତି ନିର୍ବାଚନମଣ୍ଡଳୀରେ ଭୋଟ୍ ଗ୍ରହଣ କାର୍ଯ୍ୟରେ ୨ ଜଣ ଲେଖାଏଁ ମହିଳା କର୍ମଚାରୀଙ୍କୁ ନିୟୋଜିତ କରାଯିବ। ମୁଖ୍ୟ ନିର୍ବାଚନ କମିଶନର ଜୋତି ଆହୁରି କହିଛନ୍ତି, ଭୋଟିଂ କମ୍ପାର୍ଟମେଣ୍ଟ୍ ଆକାର ୨୪ ଇଞ୍ଚରୁ ୩୦ ଇଞ୍ଚକୁ ବୃଦ୍ଧି କରାଯିବ। ପେପର ଟ୍ରେଲ୍ ମେସିନ୍ ବ୍ୟବହାର କରାଯିବାକୁ ଥିବାରୁ ଏଭଳି କରାଯାଉଛି। ପ୍ରାର୍ଥୀଙ୍କ ସର୍ବୋଚ୍ଚ ଖର୍ଚ୍ଚ ସୀମା ୨୮ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଭୋଟ୍ ଫଳାଫଳ ଘୋଷଣାର ୩୦ ଦିନ ମଧ୍ୟରେ ପ୍ରାର୍ଥୀଙ୍କୁ ନିର୍ବାଚନ ଖର୍ଚ୍ଚ ହିସାବ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଦାଖଲ କରିବାକୁ ହେବ ବୋଲି ନିର୍ବାଚନ କମିଶନ ପକ୍ଷରୁ କୁହାଯାଇଛି।

**ରେଲୱେର ନୂଆ ନିୟମ**

# ଇ-ଟିକେଟ୍ ଉପରେ ଶତପ୍ରତିଶତ ଫେରସ୍ତ

**ନୂଆଦିଲ୍ଲୀ :** ଏବେ ଅନ୍‌ଲାଇନ୍ ଟିକେଟ୍ ବୁକ୍ କରିଥିବା ଯାତ୍ରୀଙ୍କୁ ଟ୍ରେନ୍ ୩ ଘଣ୍ଟାରୁ ଅଧିକ ସମୟ ବିଳମ୍ବ ହେବା ସ୍ଥିତିରେ ୧୦୦% ରିଫଣ୍ଡ ମିଳିପାରିବ। ଅନ୍‌ଲାଇନ୍ ଟିକେଟ୍ ବ୍ୟବସ୍ଥା ଅଧୀନରେ ଇଟିକେଟ୍‌ର ବିକ୍ରି ବଢାଇବା ପାଇଁ ରେଲ୍‌ୱେ ବୋର୍ଡ ପକ୍ଷରୁ ଏହି ନୂଆ ନିୟମ ଜାରି କରାଯାଇଛି। ୨୦୧୫ରେ ଗଠିତ ଏକ ଆଇନ୍‌ରେ ସଂଶୋଧନ କରାଯାଇ ଏହି ନୂଆ ନିୟମ ଲାଗୁ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଯାତ୍ରୀମାନଙ୍କୁ କେବଳ ରିଜର୍ଭେସନ ସେଣ୍ଟରରୁ କିଣିଥିବା ଟିକେଟ୍ ଉପରେ ୧୦୦% ରିଫଣ୍ଡ ସୁବିଧା ମିଳିପାରୁଥିଲା। ରେଳ ବିଭାଗ ଏବେ ଇ-ଟିକେଟ୍‌କୁ ମଧ୍ୟ ଏହି ସୁବିଧା ସହ ସଂଯୋଗ କରିଛି। ସୂଚନା ଅନୁଯାୟୀ, ଟ୍ରେନ୍ ୩ ଘଣ୍ଟାରୁ ଅଧିକ ସମୟ ବିଳମ୍ବ ହେଲେ ଯାତ୍ରୀଙ୍କୁ ୧୦୦% ରିଫଣ୍ଡ ପାଇଁ ଆଇଆର୍‌ସିଟିସିର ୱେବ୍‌ସାଇଟ୍‌କୁ ଯାଇ ଅନ୍‌ଲାଇନ୍ ଟିଡିଆର୍ (ଟିକେଟ୍ ଡିପୋଜିଟ୍ ରିସିପ୍ଟ) ଭରିବାକୁ ହେବ। ଟିଡିଆର୍ ଭରିବାର କିଛି ସମୟ ମଧ୍ୟରେ ୫୦% ଅର୍ଥ ଓ ଅବଶିଷ୍ଟ ୫୦% ଟ୍ରେନ୍‌ର ଆରାଇଭାଲ ଓ ଡିପାର୍ଚ୍ଚର ସୂଚନା ମିଳିବା ପରେ ଆକାଉଣ୍ଟରେ ଜମା କରାଯିବ। ଏହି ପ୍ରକ୍ରିୟା ଅତ୍ୟନ୍ତ ସରଳ ରହିବ; ଯାହାଫଳରେ ଯାତ୍ରୀମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ବର୍ତ୍ତମାନ ଟ୍ରେନ୍ ଡିପାର୍ଚ୍ଚର ହେବାର ୪୮ ଘଣ୍ଟା ପୂର୍ବରୁ ଟିକେଟ୍ କ୍ୟାନ୍ସିଲେସନ ପାଇଁ ଏସି ଫାର୍ଷ୍ଟ/ଏକ୍‌ଜିକ୍ୟୁଟିଭ୍ କ୍ଲାସ୍ ଲାଗି ୨୪୦ ଟଙ୍କା, ଏସି ୨ ଟିୟର/ଫାର୍ଷ୍ଟ କ୍ଲାସ୍ ପାଇଁ ୨୦୦ ଟଙ୍କା, ଏସି୩ ଟିୟର/ଏସିଚେୟାର କାର୍/ଏସି ୩ ଇକୋନୋମି ପାଇଁ ୧୮୦ ଟଙ୍କା, ସ୍ଲିପର କ୍ଲାସ୍ ପାଇଁ ୧୨୦ ଟଙ୍କା ଓ ସେକେଣ୍ଡ କ୍ଲାସ୍ ପାଇଁ ୬୦ ଟଙ୍କା ପ୍ରତି ଯାତ୍ରୀ ହିସାବରେ ଚାର୍ଜ କରାଯାଉଛି।

**ମହାନଦୀ ଦଳ ବିବାଦ ମାମଲା:ସୁପ୍ରିମ୍‌କୋର୍ଟରେ ଜବାବ ରଖିଲେ କେନ୍ଦ୍ର ସରକାର**

# ନଭେମ୍ବର ୧୯ ସୁଦ୍ଧା ଟ୍ରିବ୍ୟୁନାଲ୍

**ନୂଆଦିଲ୍ଲୀ :** ଆସନ୍ତା ନଭେମ୍ବର ୧୯ ତାରିଖ ସୁଦ୍ଧା ମହାନଦୀ ଟ୍ରିବ୍ୟୁନାଲ୍ ଗଠନ ନେଇ ବିଜ୍ଞପ୍ତି ଜାରି କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏନେଇ ସୁପ୍ରିମକୋର୍ଟରେ ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହା କୁହାଯାଇଛି ଏବଂ ଏହି ବୟାନ ନଥିଭୁକ୍ତ ହୋଇଛି। ଓଡ଼ିଶା ପକ୍ଷରୁ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରୁଥିବା ପ୍ରକଳ୍ପ ବନ୍ଦ କରିବା ପାଇଁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ମାତ୍ର କୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି। ଟ୍ରିବ୍ୟୁନାଲ୍ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଏହାର ଆବଶ୍ୟକତା ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁ ଜଳପ୍ରକଳ୍ପ ନିର୍ମାଣ କରୁଛନ୍ତି। ଏହି କାରଣରୁ ତଳମୁଣ୍ଡରେ ମହାନଦୀ ଯେତିକି ପାଣି ପାଇବା କଥା ତାହା ପାଇପାରୁ ନାହିଁ। ଯାହାକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏହାର ସମାଧାନ ପାଇଁ ତତ୍କାଳୀନ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଉମା ଭାରତୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ଉଭୟ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଏହାର ସଦସ୍ୟ ରହିଥିଲେ। ତେବେ ଏହି କମିଟି ବୈଠକରେ ଉଭୟ ପକ୍ଷ ନିଜନିଜ ଜିଦ୍‌ରେ ଅଟଳ ରହିବା କାରଣରୁ କୌଣସି ନିଷ୍କର୍ଷ ବାହାରିପାରି ନଥିଲା। ଫଳରେ ଏହି ବିବାଦର ସମାଧାନ ପାଇଁ ଏକ ଟ୍ରିବ୍ୟୁନାଲ ଗଠନ କରିବା ପାଇଁ ଓଡ଼ିଶା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତେବେ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ୍ ଗଠନ ନେଇ ସର୍ବୋଚ୍ଚ ଅଦାଲତରେ ପ୍ରତିଶ୍ରୁତି ଦେବା ପରେ ଏହାର ଟର୍ମସ୍ ଅଫ୍ ରେଫରେନ୍ସ କ'ଣ ହେବ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଦାବିରେ ଦମ୍ ଥିବା କାରଣରୁ ଟ୍ରିବ୍ୟୁନାଲ ଗଠନ କରିବା ପାଇଁ କେନ୍ଦ୍ର ସରକାର ରାଜି ହୋଇଥିବା ବିଜେଡି ସାଂସଦ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ସେପଟେ କଂଗ୍ରେସ ଟ୍ରିବ୍ୟୁନାଲ୍ ଗଠନକୁ ସ୍ୱାଗତ କରିଥିବା ବେଳେ ରାଜ୍ୟ ସରକାର ଏଥିରେ ଓଡ଼ିଶାର ଦାବି ଦୃଢ଼ ଭାବରେ ଉପସ୍ଥାପିତ କରିବା ଦରକାର ବୋଲି ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି।

# ଏୟାର୍ ଇଣ୍ଡିଆକୁ କିଣିପାରେ ଟାଟା ଗ୍ରୁପ୍

**ନୂଆଦିଲ୍ଲୀ :** ଟାଟା ଗ୍ରୁପ୍, ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆକୁ କିଣିବା ପାଇଁ ପ୍ରସ୍ତୁତି ଚଳାଇଛି। ଟାଟା ସନ୍ସର ନୂତନ ଅଧକ୍ଷ ଏନ୍ ଚନ୍ଦ୍ରଶେଖରନ୍ ଏକ ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏୟାର ଇଣ୍ଡିଆ ପ୍ରସଙ୍ଗରେ ଗ୍ରୁପ୍ ସମସ୍ତ ପକ୍ଷ ଉପରେ ବିଚାର କରି ନିଷ୍ପତ୍ତି ନେବ। ବର୍ତ୍ତମାନ ସମୟରେ ଏୟାର ଇଣ୍ଡିଆର ଋଣ ଓ ଭିତ୍ତିଭୂମି ସମ୍ପର୍କରେ ଗ୍ରୁପ୍ ନିକଟରେ କମ୍ ସୂଚନା ରହିଛି। ଏହାକୁ ଭଲ ଭାବେ ବୁଝିବା ପରେ ଟାଟା ଗ୍ରୁପ୍, ଏୟାର ଇଣ୍ଡିଆ ଉପରେ ନିଷ୍ପତ୍ତି ନେବ। ଏହାଛଡା ଏହି ପ୍ରସଙ୍ଗରେ ସରକାରଙ୍କ ବିନିବେଶ ପ୍ରକ୍ରିୟାକୁ ଯାଞ୍ଚ କରାଯିବା ପରେ ଗ୍ରୁପ୍ ଅଧିକ ତଥ୍ୟ ହାସଲ କରିପାରିବ। ଚନ୍ଦ୍ରଶେଖରନ୍‌ଙ୍କ କହିବା ଅନୁସାରେ, ଟାଟା ଗ୍ରୁପର ପୂର୍ବରୁ ଦୁଇଟି ଏୟାରଲାଇନ୍ସ ରହିଛି। କିନ୍ତୁ କେବଳ ୧୫ରୁ ୨୦% ଏୟାରକ୍ରାଫ୍ଟରେ କାର୍ଯ୍ୟ ହୋଇପାରିବ ନାହିଁ। ପରିଚାଳନା ପାଇଁ ଅଧିକ ଏୟାରକ୍ରାଫ୍ଟର ଆବଶ୍ୟକତା ରହିଛି। ତେଣୁ ଏହି ଅଧିଗ୍ରହଣ ସମ୍ଭବ ହେଲେ ଗ୍ରୁପ୍‌କୁ ଫାଇଦା ମିଳିବ। ତେବେ ଏୟାର ଇଣ୍ଡିଆର ଅଂଶଧନ




କିଣିବା ଉପରେ ଚନ୍ଦ୍ରଶେଖରନ୍ ସ୍ପଷ୍ଟ ରୂପେ କୌଣସି ସୂଚନା ପ୍ରଦାନ କରିନାହାନ୍ତି। ପୂର୍ବରୁ ରତନ ଟାଟା ମଧ ଏୟାର ଇଣ୍ଡିଆ ଅଧିଗ୍ରହଣରେ ଟାଟା ଗ୍ରୁପ୍ ଇଚ୍ଛୁକ ଥିବା କହିଥିଲେ। ୨୦୧୩ରେ ତତ୍କାଳୀନ ବିମାନ ଚଳାଚଳ ମନ୍ତ୍ରୀଙ୍କ ସହ ବୈଠକ ପରେ ରତନ ଟାଟା କହିଥିଲେ ଯେ, ଯଦି ସରକାର ଏୟାର ଇଣ୍ଡିଆର ଘରୋଇକରଣ କରନ୍ତି ତେବେ ଟାଟା ଗ୍ରୁପ୍ ତାହାର ଅଂଶଧନ କିଣିବାକୁ ଚାହିଁବ। ସୂଚନାଯୋଗ୍ୟ ଯେ, ଗତ ଜୁନ୍‌ରେ କେନ୍ଦ୍ର କ୍ୟାବିନେଟ୍ ଏୟାର ଇଣ୍ଡିଆର ବିକ୍ରି ପାଇଁ ମଞ୍ଜୁରୀ ପ୍ରଦାନ କରିଥିଲା। ଏହାପରେ ଗତ ମାସରେ କେନ୍ଦ୍ର ସରକାର ଏହି ବିକ୍ରି ପ୍ରକ୍ରିୟା ପାଇଁ ବିତ୍ତୀୟ ଓ ଆଇନ୍‌ଗତ ପରାମର୍ଶଦାତା ନିଯୁକ୍ତ କରିବା ଲାଗି ବିଡ୍ ଆମନ୍ତ୍ରିତ କରିଥିଲେ। ବର୍ତ୍ତମାନ ଇଣ୍ଟରଗ୍ଲୋବ ଆଭିଏସନ, ବାର୍ଡ ଗ୍ରୁପ୍ ଓ ତୁର୍କୀର ସେଲେବି ଆଭିଏସନ ହୋଲ୍ଡିଂସ୍, ଏୟାର ଇଣ୍ଡିଆର ଅଂଶଧନ କିଣିବା ପାଇଁ ଇଚ୍ଛାବ୍ୟକ୍ତ କରିଛନ୍ତି। ୧୯୩୨ରେ ଜେଆର୍‌ଡି ଟାଟା 'ଟାଟା ଏୟାରଲାଇନ୍ସ'ର ଶୁଭାରମ୍ଭ କରିଥିଲେ। ୧୯୪୬ରେ ଏହାର ନାମ ପରିବର୍ତ୍ତନ କରାଯାଇ ଏୟାର ଇଣ୍ଡିଆ ରଖାଯାଇଥିଲା। କେନ୍ଦ୍ର ସରକାର ୧୯୫୩ରେ ଏୟାର ଇଣ୍ଡିଆକୁ ଅଧିଗ୍ରହଣ କରିଥିଲେ। ଏବେ ପୁଣିଥରେ ଟାଟା ଗ୍ରୁପ୍ ଏୟାର ଇଣ୍ଡିଆକୁ ନିଜ ପାଖକୁ ଫେରାଇ ନେବାକୁ ଚାହୁଁଛି।

# ଆମେରିକାର ଚାପ ବିରୋଧରେ ଲଢ଼ିବ ପାକିସ୍ତାନ

**ଇସଲାମାବାଦ :** ପାକିସ୍ତାନ ଆତଙ୍କବାଦୀକୁ ପ୍ରୋତ୍ସାହନ ଯୋଗାଉଛି ବୋଲି ଆମେରିକା ବାରମ୍ବାର କହୁଥିବାରୁ ବିଶ୍ୱରେ ଇସ୍‌ଲାମାବାଦର ଦୋମୁହଁ ନୀତି ଧରା ପଡ଼ି ଯାଇଛି। ଫଳରେ ପାକିସ୍ତାନ ଆତଙ୍କବାଦୀଙ୍କ ସହ ଲଢ଼େଇ କରିବାକୁ କିଛି ସର୍ତ୍ତ ସହ ଆମେରିକାକୁ ପ୍ରସ୍ତାବ ଦେଇଛି। ଯଦି ପାକିସ୍ତାନରେ ଦୁର୍ଦ୍ଧର୍ଷ ଆତଙ୍କୀ ସଂଗଠନ ହକ୍କାନୀ ନେଟୱର୍କ ସକ୍ରିୟ ଭାବେ କାର୍ଯ୍ୟ କରୁଛି, ତା'ହେଲେ ଆମେରିକା ଏନେଇ ପ୍ରମାଣ ଦେଉ। ଆମେରିକା ଯଦି ହକ୍କାନୀ ନେଟୱର୍କ ପାକିସ୍ତାନକୁ ତା'ର ଭୂସ୍ୱର୍ଗ ବୋଲି ଭାବୁଛି, ତା'ହେଲେ ଆମେ ଆମେରିକା ସହ ମିଶି ଏହା ବିରୋଧରେ ଅପରେସନ୍ ଆରମ୍ଭ କରିବୁ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଖ୍ୱାଜା ଅସିଫ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଗତ ଅଗଷ୍ଟ ମାସରେ କହିଥିଲେ ପାକିସ୍ତାନ ହେଉଛି ବିଶୃଙ୍ଖଳାକାରୀ ଓ ଆତଙ୍କବାଦୀଙ୍କ ଏଜେଣ୍ଟ। ଆମେରିକା ସେନା ଆଫଗାନିସ୍ତାନରେ ଯେଉଁ ଆତଙ୍କୀ ସଂଗଠନ ବିରୋଧରେ ଦୀର୍ଘ ୧୭ ବର୍ଷ ହେଲା ଲଢ଼େଇ କରୁଛି ପାକିସ୍ତାନ ସେହି ସଂଗଠନକୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଆସୁଛି। ଆମେରିକାର ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଅସିଫ କହିଛନ୍ତି, ଆମେରିକା ଯଦି ପାକିସ୍ତାନ ମାଟିରେ ହକ୍କାନୀ ନେଟୱର୍କକୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦିଆଯାଉଛି ବୋଲି ଭାବୁଛି, ତା'ହେଲେ ପ୍ରଥମେ ସେମାନେ ଏହାର ପ୍ରମାଣ ଦିଅନ୍ତୁ। ପ୍ରମାଣ ମିଳିବା ପରେ ଆମେରିକା ଓ ପାକିସ୍ତାନ ସେନା ମିଳିତ ଭାବେ ହକ୍କାନୀ ନେଟ୍‌ୱର୍କର ସମସ୍ତ ଆଡ୍ଡାସ୍ଥଳୀକୁ ଟାର୍ଗେଟ କରିବ। ଫଳରେ ସେମାନଙ୍କ ସଂଗଠନ ସବୁଦିନ ପାଇଁ ଇତିହାସ ପାଲଟିଯିବ। ପାକିସ୍ତାନ ସେନା ମୁଖ୍ୟ ଜେନେରାଲ୍ କ୍ୟୁମାର ଜାଭେଦ୍ ବାଜୱା ମଧ ସମାନ ପ୍ରସ୍ତାବ ମଧ ଆଫ୍‌ଗାନିସ୍ତାନ ରାଷ୍ଟ୍ରପତି



ଅଶ୍ରଫ ଘାନିଙ୍କୁ ଦେଇଛନ୍ତି ବୋଲି ଅସିଫ କହିଛନ୍ତି। ସେ ଆହୁରି କହିଛନ୍ତି, ଯଦି ବିନା ପ୍ରମାଣରେ ଆମେରିକା ଆମ ଉପରେ ଏପରି ଅଭିଯୋଗ ଲଗାଇବା ସହ ଆମକୁ ଦୋଷାରୋପ କରେ, ତା'ହେଲେ ପାକିସ୍ତାନର ବନ୍ଧୁ ରାଷ୍ଟ୍ର ଭାବେ ପରିଗଣିତ ହେଉଥିବା ଚୀନ୍, ରୁଷିଆ, ଇରାନ୍ ଓ ତୁର୍କୀ ଆମ ସପକ୍ଷରେ ଛିଡ଼ା ହେବେ। ଯଦି ଆମେରିକା ଅଧିକାରୀମାନେ ଏଠାକୁ ଆସି ଆମକୁ କେବଳ ଭାଷଣ ଦେବେ ଓ ତାଙ୍କ କଥାକୁ ପାଳନ କରିବାକୁ କହିବେ, ତା'ହେଲେ ଆମେ ଏହାକୁ ଦୃଢ଼ତାର ସହ ପ୍ରତ୍ୟାଖ୍ୟାନ୍ କରିବୁ। ଆମେ ଏବେ ଯାହା ବି କରୁଛୁ କେବଳ ଆମ ଦେଶର ସ୍ୱାର୍ଥ ରକ୍ଷା ପାଇଁ କରୁଛୁ। ଆମେରିକା କିଛି ନ ଜାଣି କେବଳ ଭାଷଣ ମାରିଲେ କିଛି ହେବନାହିଁ ବୋଲି ଅସିଫ କହିଛନ୍ତି। ଆତଙ୍କବାଦୀ ସଂଗଠନ ହକ୍କାନୀ ନେଟ୍‌ୱର୍କ ଆଫ୍‌ଗାନିସ୍ତାନରେ ଆମେରିକା ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛି। ଏକାଧିକ ଅପହରଣ ଓ ସୁରକ୍ଷାକର୍ମୀଙ୍କ ଉପରେ ହମ୍‌ଲା ଘଟଣାରେ ହକ୍କାନୀ ନେଟ୍‌ୱର୍କର ହାତ ରହିଛି। ୨୦୦୮ରେ କାବୁଲରେ ଥିବା ଭାରତୀୟ ମିଶନ୍ ଉପରେ ହୋଇଥିବା ଭୟଙ୍କର ଆକ୍ରମଣ ପଛରେ ହକ୍କାନୀ ନେଟ୍‌ୱର୍କର ହିଁ ହାତ ଥିଲା। ଏଥିରେ ୫୮ ଜଣ ଜଣଙ୍କର ମୃତ୍ୟୁ ହୋଇଥିଲା।




# ଦେଶରେ ଅନିଶ୍ଚିତତା ପାଇଁ ଜାତୀୟ ଦଳ ଦାୟୀ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ବିଜୁ ଜନତା ଦଳର ଜନସମ୍ପର୍କ ଯାତ୍ରାର ୧୦ମ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଦେଶର ସବୁ କ୍ଷେତ୍ରରେ ଏକ ଅନିଶ୍ଚିତତା ବାତାବରଣ ସୃଷ୍ଟି ହୋଇଛି। ଏହି ଅନିଶ୍ଚିତତା ପାଇଁ ଜାତୀୟ ରାଜନୈତିକ ଦଳମାନଙ୍କ ନୀତି ହିଁ ଦାୟୀ। ଭାରତର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହା ଆଦୌ ଭଲ ନୁହେଁ। ଜୟପ୍ରକାଶ ନାରାୟଣଙ୍କ ଜନ୍ମ ଦିବସରେ ତାଙ୍କ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଜୟପ୍ରକାଶ ଯେଉଁ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଲଢୁଥିଲେ, ସମ୍ପ୍ରତି ସମସ୍ତେ ସେ ଦିଗରେ କାର୍ଯ୍ୟ କରିବାର ସମୟ ଆସିଯାଇଛି। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜନ୍ମ ଦିବସ ଅବସରରେ ନବୀନ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହା କହିଥିଲେ। ଏଥିସହ ସେ ଆହୁରି ମଧ୍ୟ କହିଥିଲେ ଯେ ବିଜୁବାବୁଙ୍କ ଆଦର୍ଶରେ ଗଠିତ ବିଜୁ ଜନତା ଦଳ ଏକ ସାଧାରଣ ରାଜନୈତିକ ଦଳ ନୁହେଁ। ଏହା ହେଉଛି ଚାରିକୋଟି ଓଡ଼ିଆଙ୍କ ଆଶା ଓ ଆକାଂକ୍ଷାର ପ୍ରତିନିଧିତ୍ୱ ସଂଗଠନ। ଓଡ଼ିଆଙ୍କ ସମ୍ମାନ ଓ ଓଡ଼ିଶାର ବିକାଶ ପାଇଁ ବିଜେଡି କାର୍ଯ୍ୟ କରୁଛି। ସେବା, ସଂଗ୍ରାମ, ବିକାଶ ଓ କଲ୍ୟାଣ ଏହି ଚାରି ସ୍ତମ୍ଭ ସହିତ ରାଜ୍ୟ ପ୍ରତି ପ୍ରତିବଦ୍ଧତା ହେଉଛି ବିଜେଡିର ବୈଶିଷ୍ଟ୍ୟ। ଚାଲିଥିବା ଜନସମ୍ପର୍କ ଯାତ୍ରାରେ ସାରା ରାଜ୍ୟର କର୍ମୀ ଓ ଭାଇଭଉଣୀମାନେ କାମ କରୁଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ ମୁଖ୍ୟମନ୍ତ୍ରୀ ଏବଂ କହିଥିଲେ କର୍ମୀମାନେ ହେଉଛନ୍ତି ବିଜୁ ଜନତା ଦଳର ଶକ୍ତି। ସେମାନଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁ ଦଳ ପ୍ରତି ଲୋକଙ୍କ ଶ୍ରଦ୍ଧା, ସମର୍ଥନ ଓ ଆଶୀର୍ବାଦ ଜାରି ରହିଛି। ସାଧାରଣ ଲୋକର ସୁଖଦୁଃଖ ପାଇଁ ଆମ ସରକାରର ପ୍ରତିଶ୍ରୁତିବଦ୍ଧତାର ଏକ ବହୁତ ବଡ଼ ଉଦାହରଣ। ଏହି ରାଜ୍ୟସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅବସରରେ ବିଧାୟକ ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦଳର ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସାଂସଦ ପ୍ରସନ୍ନ ପାଟଶାଣୀ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା, ବିଜେଡି ଭୁବନେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ବାବୁ ସିଂହ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ସ୍ନାତକୋତ୍ତରରେ ଧନ୍ଦାମୂଳକ ଶିକ୍ଷା ସାମିଲ

**ଭୁବନେଶ୍ୱର :** ଛାତ୍ରଛାତ୍ରୀମାନେ +୩ରେ ଆସନ୍ତା ଶିକ୍ଷାବର୍ଷରୁ ଧନ୍ଦାମୂଳକ ଶିକ୍ଷା ପଢ଼ିବାର ସୁଯୋଗ ପାଇବେ। ପୂର୍ବରୁ ଧନ୍ଦାମୂଳକ ଶିକ୍ଷା କେବଳ +୨ରେ ସୀମିତ ଥିଲା। ଆସନ୍ତା ବର୍ଷଠାରୁ ଏହା +୩ରେ ସାମିଲ ହେବ ବୋଲି ଜଣାପଡିଛି। ମାତ୍ର ରାଜ୍ୟରେ ଧନ୍ଦାମୂଳକ ଶିକ୍ଷା ଲାଗି କୌଣସି ମୌଳିକ ସୁବିଧା ନଥିବାରୁ ଏଥିରେ ମାନ ତଥା ଗୁଣାତ୍ମକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ଧନ୍ଦାମୂଳକ ଶିକ୍ଷା ପାସ୍ କରିବାପରେ ଛାତ୍ରଛାତ୍ରୀମାନେ ନିଯୁକ୍ତିର ସୁଯୋଗ ପାଉଥିବାରୁ ଏହି ପାଠ୍ୟକ୍ରମର ଚାହିଦା ଗତ ୫ବର୍ଷ ମଧ୍ୟରେ ସର୍ବାଧିକ ବୃଦ୍ଧି ପାଇଛି। ମାତ୍ର +୩ରେ ଏହାର ସୁବିଧା ନଥିବାରୁ ଅନେକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିଲେ। ଏପରି ସମସ୍ୟାକୁ ଦୃଷ୍ଟିରେ ରଖି ଏହି ପାଠ୍ୟକ୍ରମକୁ ସ୍ନାତକୋତ୍ତରରେ ସାମିଲ କରାଯିବା ସହ ଏଥିରେ ଅନର୍ସର ବ୍ୟବସ୍ଥା ମଧ୍ୟ ରହିବ। ଫଳରେ ଛାତ୍ରଛାତ୍ରୀମାନେ ଧନ୍ଦାମୂଳକ ଶିକ୍ଷାରେ ଉଚ୍ଚ ଶିକ୍ଷାର ସୁବିଧା ପାଇପାରିବେ। ଧନ୍ଦାମୂଳକ ଶିକ୍ଷା ପାଇଁ କୌଣସି ନିଜସ୍ୱ ବିଲ୍ଡିଂ ନଥିବାବେଳେ ପଢ଼ାଇବାକୁ ସ୍ଥାୟୀ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଧ୍ୟକ୍ଷ ମଧ୍ୟ ନାହାନ୍ତି। ରାଜ୍ୟର ୨୩୧ଟି ଜୁନିୟର କଲେଜ ମଧ୍ୟରୁ ୧୯ଟି ସରକାରୀ କଲେଜରେ ଧନ୍ଦାମୂଳକ ଶିକ୍ଷାର ସୁବିଧା ଥିବାବେଳେ ଅବଶିଷ୍ଟ ଅନୁଦାନପ୍ରାପ୍ତ କଲେଜରେ ପାଠପଢ଼ା ଚାଲିଛି। ତେବେ ପଢ଼ାଇବାକୁ ସ୍ଥାୟୀ ଅଧ୍ୟାପକ, ଅଧ୍ୟାପିକା ନାହାନ୍ତି। ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଉଛି। ମାସକୁ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ମାତ୍ର ୯,୩୦୦ ଟଙ୍କା ପ୍ରଦାନ କରାଯାଉଛି। ତେବେ ଏସବୁ ଟେକ୍ନିକାଲ ପାଠ୍ୟକ୍ରମ ହୋଇଥିବାରୁ ବିଭିନ୍ନ ବୈଷୟିକ ପାଠ୍ୟକ୍ରମରୁ ପାସ କରିଥିବା ଅଧ୍ୟାପକ, ଅଧ୍ୟାପିକା କମ୍ ବେତନରେ ଚାକିରି କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ପ୍ରତିବର୍ଷ ଅନୁଦାନ ବାବଦରେ ମିଳୁଛି ୬ରୁ ୭କୋଟି ଟଙ୍କା। ମାତ୍ର ସମସ୍ୟାର ସମାଧାନ ପରିବର୍ତ୍ତେ ତାହା ବଢ଼ିଚାଲିଛି। ପିଲାଙ୍କ ଚାହିଦା ବୃଦ୍ଧି ପାଉଥିବା ବେଳେ ଅତି ଦୟନୀୟ ଭାବେ ପାଠପଢ଼ା ଚାଲିଛି। ସର୍ବାଧିକ ମୟୂରଭଞ୍ଜ ଜିଲ୍ଲାରେ ୧୫ଟି ସେଣ୍ଟରରେ ଧନ୍ଦାମୂଳକ ଶିକ୍ଷାର ସୁବିଧା ଥିବାବେଳେ ରାଜଧାନୀରେ ୨ଟି ସରକାରୀ ଓ ଗୋଟିଏ ଅନୁଦାନପ୍ରାପ୍ତ କଲେଜରେ ଏହି ପାଠ୍ୟକ୍ରମର ସୁବିଧା ରହିଛି। ଯେଉଁ କଲେଜଗୁଡିକରେ ଏହି ପାଠପଢ଼ା ଯାଉଛି ସେଠାକାର ଅଧ୍ୟକ୍ଷ ବିନା ଦରମାରେ ଧନ୍ଦାମୂଳକ ଶିକ୍ଷାର ଦାୟିତ୍ୱ ନେଇଛନ୍ତି। ଏଥିସହ ସେହି କଲେଜର +୨ ବିଜ୍ଞାନ ପାଠ୍ୟକ୍ରମ ପଢ଼ାଉଥିବା ଅଧ୍ୟାପକ, ଅଧ୍ୟାପିକାମାନେ ମାଗଣାରେ ଧନ୍ଦାମୂଳକ ଶିକ୍ଷାରେ ନାମଲେଖାଇଥିବା ପିଲାମାନଙ୍କୁ ପଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ରାଜ୍ୟ ସରକାର ପ୍ରଥମେ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଦାବି ହୋଇଛି। ଅପରପକ୍ଷେ ଏହା ସମସ୍ତ ସରକାରୀ ଓ ଘରୋଇ କଲେଜରେ ଏହି ପାଠ୍ୟକ୍ରମ ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ଗ୍ରହଣ କରିଥିବା ବେଳେ ଏନେଇ ଅଧ୍ୟାପକ ନିଯୁକ୍ତି ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡିଛି।

# ପର୍‌ମିଟ୍ ନଥିଲେ ଗଡ଼ିବନି ବସ୍

**ଭୁବନେଶ୍ୱର :** ଏଣିକି ଯେଉଁ ବସ୍ ଗୁଡିକର ପର୍‌ମିଟ୍ ନଥିବ ସମ୍ପୃକ୍ତ ବସ୍ ଗୁଡିକ ରାସ୍ତାରେ ଗଡିବ ନାହିଁ। ବିନା ପର୍‌ମିଟ୍‌ରେ ବସ୍ ଚଳାଉଥିବା ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭୁବନେଶ୍ୱର ଆର୍‌ଟିଓ-୧ର ଅଧିକାରୀ ପ୍ରଦୀପ କୁମାର ମହାନ୍ତି ଏହି ସୂଚନା ଦେଇଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜ୍ୟରେ ବିନା ପର୍‌ମିଟ୍‌ରେ ଅନେକ ଗାଡି ଚଳାଚଳ କରୁଛି। ସେମାନଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ତେବେ ରାସ୍ତା ବା ରାଜପଥ ଉପରେ ଏପରି ଗାଡିକୁ ଯାଞ୍ଚ କରିବା ଅପେକ୍ଷା ବସ୍‌ଷ୍ଟାଣ୍ଡରେ ସମସ୍ତ ଗାଡିକୁ ଯାଞ୍ଚ କରି ଚଳାଚଳ କରିବାକୁ ଅନୁମତି ଦେବା ବ୍ୟବସ୍ଥା ଆରମ୍ଭ ହୋଇଛି। ରାଜ୍ୟରେ ପ୍ରଥମ ଥର ଲାଗି ଏପରି ବ୍ୟବସ୍ଥା ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଆରମ୍ଭ ହୋଇଛି। ଗତ ୩ତାରିଖରେ ବିନା ପର୍‌ମିଟ୍‌ରେ ଚଳାଚଳ କରୁଥିବା ୧୫ଖଣ୍ଡ ବସ୍ ଧରାପଡିବା ପରେ ଏପରି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଗତ ୭ତାରିଖରୁ ବସ୍‌ଷ୍ଟାଣ୍ଡରେ ୨୪ଘଣ୍ଟିଆ ଟିଜିଆର୍ ବ୍ୟବସ୍ଥା କାର୍ଯ୍ୟ କରୁଛି। ମାତ୍ର କର୍ମଚାରୀ ଅଭାବ ହେତୁ ଅଧିକ ୧୬ଜଣ ହୋମ୍‌ଗାର୍ଡ୍ ଯୋଗାଇବାକୁ ଭୁବନେଶ୍ୱର ଡିସିପିଙ୍କୁ ଅନୁରୋଧ କରାଯାଇଛି। ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବାହାରକୁ ଯାଉଥିବା ଓ ବାହାରୁ ଏଠାକୁ ଆସୁଥିବା ସମସ୍ତ ବସ୍‌ଗୁଡିକର ପର୍‌ମିଟ୍‌କୁ ଏଠାରେ ନିଯୁକ୍ତ କର୍ମଚାରୀମାନେ ଯାଞ୍ଚ କରିବେ। ନିୟମକୁ ଉଲଘଂନ କରୁଥିବା ବସ୍ ମାଲିକଙ୍କୁ ପ୍ରଥମ ଥର ସୁଯୋଗ ଦେବା ସହ ସେମାନଙ୍କ ଠାରୁ ଟ୍ୟାକ୍ସ ଓ ଜୋରିମାନା ଆଦାୟ ହେଉଛି। ଯଦି ସମ୍ପୃକ୍ତ ବସ୍ ମାଲିକ ବିନା ପର୍‌ମିଟ୍‌ରେ ଗାଡି ଚଳାଉଥିବା ବେଳେ ଦ୍ୱିତୀୟଥର ଧରାପଡନ୍ତି ତେବେ ସେମାନଙ୍କ ବସ୍‌କୁ ସିଜ୍ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ବ୍ୟବସ୍ଥାରେ ବସ୍‌ର ଗତି, କେଉଁ ରୁଟ୍‌ରେ ଚଳାଚଳ ହେଉଛି, ବସ୍ ଛାଡିବାର ସମୟ ଆଦି ମଧ୍ୟ ଯାଞ୍ଚ କରାଯାଉଛି। ପୂର୍ବରୁ ମଧ୍ୟ ରାଜଧାନୀରେ ଘରୋଇ ସ୍କୁଲ ବସଗୁଡିକରେ ଜିପିଆର୍‌ଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିଲା। ଯାହାକୁ ସବୁସ୍ତରରେ ସ୍ୱାଗତ ବି କରାଯାଇଛି। ପୁଣିଥରେ ଆର୍‌ଟିଓ-୧ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଏହି ଟିଜିଆର୍ ବ୍ୟବସ୍ଥାକୁ ମଧ୍ୟ ଜନସାଧାରଣ ସ୍ୱାଗତ କରିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ରାଜ୍ୟ ଅତିଥି ଭବନ ଆଧୁନିକୀକରଣ ପାଇଁ ଖର୍ଚ୍ଚ ହେବ କୋଟିଏ




**ଭୁବନେଶ୍ୱର :** ଯେତେବେଳେ ଓଡ଼ିଶାରେ କୌଣସି ତାରକା ହୋଟେଲ୍ ନଥିଲା, ସେତେବେଳେ ରାଜ୍ୟ ଅତିଥି ଭବନ ହିଁ ତାରକା ହୋଟେଲ୍‌ର ଭୂମିକା ତୁଲାଉଥିଲା। ଦେଶ ବିଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଶିଷ୍ଟ ଅତିଥିମାନେ ଓଡ଼ିଶା ଗସ୍ତରେ ଆସିଲେ ରାଜ୍ୟ ଅତିଥି ଭବନ ତାଙ୍କର ରହଣୀସ୍ଥଳ ପାଲଟୁଥିଲା। ଅନେକ ବିଶିଷ୍ଟ ଅତିଥିଙ୍କୁ ରାଜ୍ୟ ଅତିଥି ଭବନ ସେବା ଯୋଗାଇ ଆସିଛି। ରାଜଧାନୀ ଭୁବନେଶ୍ୱରରେ ଅନେକ ତାରକା ହୋଟେଲ୍ ଗଢ଼ି ଉଠିଥିଲା ବେଳେ ରାଜ୍ୟ ଅତିଥି ଭବନର ଚାହିଦା କମିଯାଇଛି। ତେବେ ରାଜ୍ୟ ଅତିଥି ଭବନର ନବକଳେବର କରିବାକୁ ସରକାର ପଦକ୍ଷେପ ନେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏଥିପାଇଁ କୋଟିଏ ଟଙ୍କା ମଞ୍ଜୁର ହୋଇଛି। ୧୯୫୦ ମସିହାରେ ନିର୍ମାଣ ହୋଇଥିବା ଏହି ଅତିଥି ଭବନର ନିର୍ମାଣ ଶୈଳୀ ଓ ଉପଲବ୍ଧ ସୁବିଧାର ବର୍ତ୍ତମାନ ଆଧୁନିକୀକରଣ ଜରୁରୀ ହୋଇପଡ଼ିଛି। ଏଥିପାଇଁ ରାଜ୍ୟ ଅତିଥି ଭବନ ତରଫରୁ ଅର୍ଥ ବିଭାଗକୁ ଆଧୁନିକୀକରଣର ପ୍ରସ୍ତାବ ପଠାଯାଇଥିଲା ବେଳେ ଏହା ମଞ୍ଜୁର ହୋଇଛି। ରାଜ୍ୟ ଅତିଥି ଭବନରେ ୪୦ଟି କକ୍ଷ ରହିଛି। ଗ୍ରାଉଣ୍ଡ ଫ୍ଲୋର୍ ରୁମ୍‌ର ମୂଲ୍ୟ ଦୈନିକ ୬୦୦ ଟଙ୍କା ଥିଲା ଫାଷ୍ଟ ଫ୍ଲୋର୍ ରୁମ୍‌ର ମୂଲ୍ୟ ୭୫୦ ଟଙ୍କା ରହିଛି। ସ୍ୱତନ୍ତ୍ର କକ୍ଷ(ସୁଟ୍)ର ମୂଲ୍ୟ ୧୬୦୦ ଟଙ୍କା ରହିଛି। ସ୍ୱତନ୍ତ୍ର କକ୍ଷରେ ଡାଇନିଂ, ଡ୍ରଇଂ, ବେଡରୁମ୍ ସହ ଛୋଟିଏ ଡ୍ରେସିଂ ରୁମ୍ ମଧ୍ୟ ରହିଛି। ରାଜ୍ୟ ଅତିଥି ଭବନର ସମସ୍ତ ରୁମ୍‌ରେ ଡବଲ୍ ବେଡ୍ ଏସି ସୁବିଧା ଉପଲବ୍ଧ ରହିଛି। ବେଳେ ପ୍ରାଥମିକ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ଅର୍ଭ୍ୟଥନା କକ୍ଷ ଓ ବାଙ୍କ୍ୱେଟ୍ ହଲ୍‌ର ଆଧୁନିକୀକରଣ ଶେଷ ହୋଇଛି।



ଉତ୍କଳମଣି ଗୋପବନ୍ଧୁଙ୍କ ୧୪୦ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ସମସ୍ତଙ୍କୁ ମାଗଣା ଚକ୍ଷୁ ଚିକିତ୍ସା

**ଭୁବନେଶ୍ୱର :** ରାଜ୍ୟ ସରକାର ସମସ୍ତଙ୍କୁ ମାଗଣାରେ ଚକ୍ଷୁ ସମସ୍ୟା ଜନିତ ଚିକିତ୍ସା ଯୋଗାଇଦେବାକୁ ଯୋଜନା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ୟୁନିଭର୍ସାଲ୍ ଆଇ ହେଲ୍‌ଥ୍ ପ୍ରୋଗ୍ରାମ୍ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୬୦୦କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଆଗାମୀ ୫ ବର୍ଷ ଭିତରେ ଏହି ଅର୍ଥ ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଜୟଦେବ ଭବନରେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ଅନ୍ଧତ୍ୱ ଦୂରୀକରଣ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହି ଘୋଷଣା କରିଛନ୍ତି। ୟୁନିଭର୍ସାଲ୍ ଆଇ ହେଲ୍‌ଥ୍ ପ୍ରୋଗ୍ରାମ୍ ନାମରେ ଏକ ୱେବ୍ ପୋର୍ଟାଲ୍‌ର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ କହିଲେ, ଏହି ପୋର୍ଟାଲ ଜରିଆରେ ଲୋକେ ଚକ୍ଷୁ ଜନିତ ସମସ୍ୟା ସମ୍ପର୍କରେ ନିଜ ନାଁ ପଞ୍ଜୀକରଣ କରି ଉପଯୁକ୍ତ ଚିକିତ୍ସା ପାଇ ପାରିବେ। ଜିଲ୍ଲା ହସ୍ପିଟାଲ୍ ଠାରୁ ଆରମ୍ଭ କରି ପିଏଚ୍‌ସିରେ ଏହି ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ ହେବ। ସେହିପରି ରାଜ୍ୟରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଓ ମଧୁମେହ ଜନିତ ରେଟିନୋପାଥିକ୍ ଚିକିତ୍ସା ମାଗଣାରେ ଯୋଗାଯିବ ବୋଲି ନବୀନ କହିଛନ୍ତି। ମୁଖ୍ୟମନ୍ତ୍ରୀ ଅଧିକ ସୂଚନା ଦେଇ କହିଥିଲେ, ସ୍କୁଲରେ ମଧ୍ୟ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରି ମାଗଣାରେ ଚଷମା ଯୋଗାଇ ଦିଆଯିବ। ରାଜ୍ୟରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ହସ୍ପିଟାଲ୍ ଓ ସ୍ୱେଚ୍ଛାସେବୀମାନେ ସହଯୋଗର ହାତ ବଢ଼ାଇବା ଲାଗି ନବୀନ ଅନୁରୋଧ କରିଛନ୍ତି। ବିଶ୍ୱରେ ୨୮୫ ମିଲିଅନ୍ ଲୋକ ଅନ୍ଧତ୍ୱର ଶିକାର ହୋଇଛନ୍ତି। ସେମାନଙ୍କର ଦୃଷ୍ଟିଶକ୍ତି ଜନିତ ସମସ୍ୟା ରହିଛି। ଚିକିତ୍ସା ଖର୍ଚ୍ଚ ବ୍ୟୟବହୁଳ ଥିବାରୁ ୮୦ ଭାଗ ଲୋକ ନିଜ ଚକ୍ଷୁର ଚିକିତ୍ସା ଠିକ୍ ଭାବରେ କରିପାରୁ ନଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସରକାର ପ୍ରତ୍ୟେକ ବ୍ୟକ୍ତିଙ୍କ ଚକ୍ଷୁ ସୁରକ୍ଷା ଦାୟିତ୍ୱ ବହନ କରିବେ। ବିନାମୂଲ୍ୟରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାଗଣାରେ ଚକ୍ଷୁ ପରୀକ୍ଷା ସୁବିଧା ଯୋଗାଇ ଦିଆଯିବ। ଯେଉଁମାନେ ମୋତିଆବିନ୍ଦୁ ରୋଗର ଶିକାର ହୋଇଛନ୍ତି, ବିନା ମୂଲ୍ୟରେ ସେମାନଙ୍କର ଅସ୍ତ୍ରୋପଚାର କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ୨୦୨୨ ସୁଦ୍ଧା ଓଡ଼ିଶାକୁ ମୋତିଆବିନ୍ଦୁ ମୁକ୍ତ ରାଜ୍ୟର ପରିଚୟ ପାଇଁ ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ। ସେହିପରି ମଧୁମେହ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ରେଟିନୋପାଥିକ୍ ପରୀକ୍ଷା ପାଇଁ ସବୁଧା ଯୋଗାଇ ଦିଆଯିବ। ମାଗଣାରେ ରାନିବିଜୁମାବ୍ ଇଞ୍ଜେକ୍ସନ୍ ମଧ୍ୟ ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଏହି ଇଞ୍ଜେକ୍‌ସନ ମୂଲ୍ୟ ବାହାରେ ୨୦ହଜାରରୁ ଉର୍ଦ୍ଧ୍ୱ ରହିଛି। ସାଧାରଣତଃ ମଧୁମେହ ଜନିତ ଚକ୍ଷୁ ଚିକିତ୍ସା ଲାଗି ୩୫-୪୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ରାଜ୍ୟ ସରକାର ଏହି ସେବା ମାଗଣାରେ ଦେବେ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ଅନ୍ୟପକ୍ଷରେ ନିରାମୟ ଯୋଜନାରେ ଚକ୍ଷୁ ସମ୍ବନ୍ଧୀୟ ସମସ୍ତ ଔଷଧ ମାଗଣାରେ ଯୋଗାଇ ଦିଆଯିବ। ଏହି ଯୋଜନା ଆରମ୍ଭ କରିବାରେ ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ।

# ଦକ୍ଷିଣ ଆଫ୍ରିକାର ଯମଜ ସହର ହେବ ଭୁବନେଶ୍ୱର

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରକୁ ଦକ୍ଷିଣ ଆଫ୍ରିକାର ବ୍ଲୁମଫଣ୍ଟେନ୍ ସହ ସମାନ ଭାବେ ଯମଜ ସହର କରିବାକୁ ଦକ୍ଷିଣ ଆଫ୍ରିକା ହାଇକମିଶନର ଫ୍ରେନ୍ସ ମରୁଲେ ସୂଚନା ଦେଇଛନ୍ତି। ଭାରତରେ ଅବସ୍ଥାପିତ ଦକ୍ଷିଣ ଆଫ୍ରିକାର ହାଇକମିଶନର ଫ୍ରେନ୍ସ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ବିଏମ୍‌ସି ମେୟର ଅନନ୍ତ ଜେନାଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଭୁବନେଶ୍ୱରକୁ 'ସିଷ୍ଟର ସିଟି' ଭାବେ ଗ୍ରହଣ କରିବାକୁ ବ୍ଲୁମଫଣ୍ଟେନ୍ ପ୍ରସ୍ତୁତ। ବିଶେଷକରି ବିଭିନ୍ନ ସହରର ବିକାଶ ପାଇଁ ଏଭଳି ପଦକ୍ଷେପ ନେଉଛି ଦକ୍ଷିଣ ଆଫ୍ରିକା। ଏହା ମଧ୍ୟରେ ସହରର ସବୁଜିମା ଏବଂ ସୋଲାର ସିଟି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ।

# ଡିସେମ୍ବର ସୁଦ୍ଧା ସବୁ ଗାଁକୁ ବିଜୁଳି

**ଭୁବନେଶ୍ୱର :** ଏବେ ରାଜ୍ୟରେ ବିଦ୍ୟୁତ ଯୋଗାଣ ଏବଂ ବ୍ୟବସାୟିକ (ଏଟିଆଣ୍ଡସି) କ୍ଷତି ପରିମାଣ ୨୦୧୬-୧୭ ଆର୍ଥିକ ବର୍ଷରେ ୫% ହ୍ରାସ ପାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦ୍ୟୁତ ଯୋଗାଣ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ରାଜ୍ୟ ସଚିବାଳୟ ଠାରେ ଅନୁଷ୍ଠିତ ଏହି ବୈଠକରେ ଶକ୍ତି ସଚିବ ହେମନ୍ତ କୁମାର ଶର୍ମା ବିଦ୍ୟୁତ ଯୋଗାଣ ସମ୍ବନ୍ଧିତ ବିଷୟବସ୍ତୁ ଓ ସଦ୍ୟତମ ତଥ୍ୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ସମୀକ୍ଷା କରି ଚଳିତ ୨୦୧୭-୧୮ ଆର୍ଥିକ ବର୍ଷରେ ଏଟିଆଣ୍ଡସି କ୍ଷତିକୁ ୭%କୁ କମାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମୀଣ ବିଦ୍ୟୁତକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଚଳିତ ବର୍ଷ ଡିସେମ୍ବର ଶେଷସୁଦ୍ଧା ସବୁ ଗ୍ରାମକୁ ବିଦ୍ୟୁତ ସଂଯୋଗ ନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶକ୍ତି ସଚିବ ଶ୍ରୀ ଶର୍ମା ଜଣାଇଥିଲେ ଯେ ୨୦୧୫-୧୬ ଆର୍ଥିକ ଏଲ୍‌ଟି ବ୍ୟବସ୍ଥାରେ ଏଟିଆଣ୍ଡସି କ୍ଷତି ପରିମାଣ ପ୍ରାୟ ୫୧.୫୭% ଥିବା ବେଳେ ୨୦୧୬-୧୭ ବର୍ଷରେ ଏହାକୁ ୪୬.୪୫%କୁ ହ୍ରାସ କରାଯାଇ ପାରିଥିଲା। ଚଳିତବର୍ଷ ପ୍ରଥମ ୪ ମାସ ମଧ୍ୟରେ ପୂର୍ବ ବର୍ଷର ଏହି ସମୟ ତୁଳନାରେ କ୍ଷତି ହ୍ରାସ ପରିମାଣ ୧.୫%କୁ ବୃଦ୍ଧି ପାଇଛି। ଶ୍ରୀ ଶର୍ମା ଆହୁରି ମଧ୍ୟ ଜଣାଇଥିଲେ ଯେ ୨୦୧୪-୧୫ ମସିହାରୁ ବାକି ରହିଥିବା ୩୪୭୪ ଗ୍ରାମକୁ ବିଦ୍ୟୁତ ସଂଯୋଗ ନିମନ୍ତେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଇତିମଧ୍ୟରେ ୩୧୫୦ ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯାଇଛି। ଅବଶିଷ୍ଟ ୩୨୪ ଗ୍ରାମକୁ ବିଦ୍ୟୁତ ସଂଯୋଗ କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ଶକ୍ତି ସଚିବ ଶ୍ରୀ ଶର୍ମା ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ଦୃଢ଼ୀକରଣ, ସଠିକ୍ ବିଲ୍ ପ୍ରସ୍ତୁତି, ବିଦ୍ୟୁତ ଦେୟ ଆଦାୟ, ଯୋଗାଣ ଓ ବ୍ୟବସାୟିକ କ୍ଷତି ହ୍ରାସ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ସଠିକ୍ ବିଲ୍ ପ୍ରସ୍ତୁତି ପାଇଁ ଟେଣ୍ଡର ପ୍ରକ୍ରିୟାରେ ଯୋଗ୍ୟ ସଂସ୍ଥାକୁ ଚୟନ କରାଯାଉଛି। ନେସ୍‌କୋ, ୱେସ୍‌କୋ ଏବଂ ସାଉଥ୍‌କୋ ଅଞ୍ଚଳରେ ମୋବାଇଲ ଫୋନ ଫଟୋଭିତ୍ତିକ ଅନ୍‌ଲାଇନ ବିଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହା ପୂର୍ବରୁ ସେସୁ ଅଞ୍ଚଳରେ ହ୍ୟାଣ୍ଡସେଟ୍ ମାଧ୍ୟମରେ ସ୍ପଟ ବିଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିଲା। ବିଦ୍ୟୁତ ବିଲ୍ ପୈଠ ପାଇଁ ଆକର୍ଷଣୀୟ ପେ-ବ୍ୟାକ୍ ଅଫର୍ ସହ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ଗୁଣାତ୍ମକ ବିକାଶ ପାଇଁ ୧୦ଟି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମାନାଙ୍କ ସ୍ଥିର କରାଯାଇଛି ଏବଂ ତଦନୁଯାୟୀ ବିତରକ କମ୍ପାନୀମାନଙ୍କର କାର୍ଯ୍ୟକ୍ରମ ସମୀକ୍ଷା କରାଯାଉଛି ବୋଲି ଶ୍ରୀ ଶର୍ମା ଜଣାଇଥିଲେ। ସମୀକ୍ଷାରୁ ଜଣାପଡ଼ିଥିଲା ଯେ ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ସମୁଦାୟ ଘର ସଂଖ୍ୟା ୯୬ ଲକ୍ଷ ଥିଲା। ବର୍ତ୍ତମାନ ସୁଦ୍ଧା ସେଥିମଧ୍ୟରୁ ୬୮ ଲକ୍ଷ ପରିବାରଙ୍କୁ ବିଦ୍ୟୁତ ଯୋଗାଣ କରାଯାଇଛି। ୨୦୧୬-୧୭ ବର୍ଷରେ ୩.୧୮ଲକ୍ଷରୁ ଅଧିକ ପରିବାରଙ୍କୁ ବିଦ୍ୟୁତ ଯୋଗାଣ କରାଯାଇଥିଲା। ୨୦୧୭- ୧୮ ଆର୍ଥିକ ବର୍ଷରେ ଜୁଲାଇ ମାସ ଶେଷ ସୁଦ୍ଧା ୧୨୧୩୧୦ ପରିବାରକଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଇଛି। ଅବଶିଷ୍ଟ ପରିବାରଙ୍କୁ ଆସନ୍ତା ମାର୍ଚ୍ଚ ସୁଦ୍ଧା ଯୋଗାଇ ଦେବା ନିମନ୍ତେ ବୈଠକରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବିଭାଗୀୟ ଅତିରିକ୍ତ ଶାସନ ସଚିବ ସଂଗ୍ରାମଜିତ୍ ସ୍ୱାଇଁ, ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମହମ୍ମଦ ଆଲାମ ସଦିକ, ଗ୍ରୀଡ୍‌କୋର ଅର୍ଥ ନିର୍ଦ୍ଦେଶକ ବିଭୁ ପ୍ରସାଦ ମହାପାତ୍ର, ଗ୍ରାମୀଣ ବିଦ୍ୟୁତ କରଣ ନିଗମର ଉପସାଧାରଣ ପରିଚାଳକ ସନ୍ତୋଷ ସାହୁଙ୍କ ସମେତ ବିଭିନ୍ନ ବିତରକ କମ୍ପାନୀମାନଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଭୁବନେଶ୍ୱର, ୧୬ - ୨୨ ଅକ୍ଟୋବର, ୨୦୧୭
Bhubaneswar, 16th -22nd October, 2017

ଯେ ପର୍ଯ୍ୟନ୍ତ ନିରକ୍ଷରତା ଦୂର ନ ହୋଇଛି ସେ ପର୍ଯ୍ୟନ୍ତ ଚୋରି, ଜୁଆ, ମଦ, ବ୍ୟଭିଚାର ବନ୍ଦ ହେବନାହିଁ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସମ୍ପାଦକୀୟ...

## ସୁଯୋଗ ଲୋଡ଼ା

ଦେଶର ଶାସନ ବ୍ୟବସ୍ଥାରେ ଥିବା କିଛି ପୁରୁଣା ନିୟମକୁ ପରିବର୍ତ୍ତନ କରି ନୂଆ ନିୟମକୁ କାର୍ଯ୍ୟକାରୀ କରିବା ଆଇନ୍ ଦୃଷ୍ଟିରୁ ସହଜ ହୋଇପାରେ। ମାତ୍ର ବାସ୍ତବ ଦୃଷ୍ଟିକୋଣରୁ ଏଥିପାଇଁ ଯଥେଷ୍ଟ ସମୟ ଲାଗିଥାଏ। ନୀତିଗତ ଢାଞ୍ଚାରେ ସଂସ୍କାର ଆଣିବା ଏବଂ ନୂଆ ନିୟମ ପ୍ରଣୟନ ଦ୍ୱାରା ସମସ୍ତଙ୍କୁ ସମାନ ସୁଫଳ ପ୍ରଦାନ କରିବା ଶାସକ ଓ ପ୍ରଶାସକଙ୍କ ପାଇଁ ଏକ ପରୀକ୍ଷା ସଦୃଶ। କାରଣ ପୁରୁଣା ଆଇନର ସଂଶୋଧନ ଓ ନୂତନ ଆଇନ୍ କାର୍ଯ୍ୟକାରିତା କ୍ଷେତ୍ରରେ ନାନାପ୍ରକାର ପ୍ରତିବନ୍ଧକ ରହିଥାଏ। ପ୍ରତିବନ୍ଧକର କଠୋର ସୋପାନ ଗୁଡ଼ିକୁ ଅତିକ୍ରମ କରି ସେଥିରେ ସାଧାରଣଲୋକଙ୍କ ମୌଳିକ ସୁବିଧା, ସୁଯୋଗ ସମ୍ପର୍କରେ ସମସ୍ତଙ୍କୁ ସଠିକ୍ ଅବଗତ କରାଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ। ସକାରାତ୍ମକ ଢଙ୍ଗରେ ନୂଆ ବ୍ୟବସ୍ଥାର ପ୍ରଚଳନ ବେଳେ ବିଭିନ୍ନ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ। ହେଲେ ଏହି ଆଶଙ୍କାକୁ ଦୂରୀଭୂତ କରି ଏହାକୁ ଆଶାରେ ପରିଣତ କରାଇବା ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ଦେଶ ପାଇଁ ବଡ ଆହ୍ୱାନ ସଦୃଶ। ରାଷ୍ଟ୍ର ମୁଖ୍ୟ ଏହା ଚିନ୍ତା କଲାବେଳେ ନୂଆ ବ୍ୟବସ୍ଥା ବା ଆଇନର ସମସ୍ତ ଦିଗ ପ୍ରତି ଯତ୍ନଶୀଳ ଥିଲେ ବି ବେଳେ ବେଳେ ସିଦ୍ଧାନ୍ତରେ ଅନେକ ପାର୍ଥକ୍ୟ ରହିଯାଏ। ଯେତେବେଳେ ସାଧାରଣରେ ବ୍ୟବସ୍ଥାର ସକାରାତ୍ମକ ଓ ନକାରାତ୍ମକ ଦିଗର ଛାୟା ପ୍ରତିଫଳିତ ହୁଏ, ସେତେବେଳେ ଏହି ପ୍ରସଙ୍ଗ ଆଲୋଚନାର ବିଷୟବସ୍ତୁ ପାଲଟିଯାଏ। ଚର୍ଚ୍ଚା ଅଧିକ ହେଲେ ବ୍ୟବସ୍ଥାରେ ରହିଯାଇଥିବା ତ୍ରୁଟିବିଚ୍ୟୁତି ଚିହ୍ନଟ ହୁଏ ଏବଂ ଏଥିରୁ ସଫଳତା ପାଇବା ପାଇଁ ବିଭିନ୍ନ ମାର୍ଗ ଖୋଜାଯାଏ। କାରଣ ଭାରତ ଭଳି ଜନସମୁଦ୍ର ଦେଶରେ ପୂର୍ବରୁ ଆଇନ୍‌ରେ ରହିଥିବା କେତେକ ଫାଙ୍କ ଯୋଗୁଁ ଅନେକ ସମୟରେ ଦୁର୍ବଳ ନିଷ୍ପେଷିତ ହୋଇଥାଏ ଏବଂ ସବଳ ଲାଭରେ ରହେ। ଫାଇଦାରେ ଥିବା ଏବଂ ଖସି ଯାଉଥିବା ନିୟମ ଉଲ୍ଲଙ୍ଘନକାରୀଙ୍କୁ ଧରିବା କଷ୍ଟସାଧ୍ୟ ହୋଇଥିଲେ ବି ଏ ଦିଗରେ ସରକାର ନିର୍ଣ୍ଣାୟକ ଭୂମିକା ନେବାର ଆବଶ୍ୟକତା ରହିଛି। ଏନ୍‌ଡିଏ ସରକାର ଏଭଳି କିଛି ପଦକ୍ଷେପ ନେଇ ନିନ୍ଦା ଓ ପ୍ରଶଂସା ଉଭୟ ମଝିରେ ସାମିଲ ହୋଇଛନ୍ତି। ଯେଉଁଥିରେ ବିମୁଦ୍ରୀକରଣ ଓ ଜିଏସ୍‌ଟି ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ରହିଛି। କେନ୍ଦ୍ର ସରକାରଙ୍କ ବାସ୍ତବ ଦୃଷ୍ଟିକୋଣର ସଫଳ ଚିତ୍ର ଏଯାଏଁ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇପାରିନାହିଁ। ଯେଉଁଥିପାଇଁ ସମାଜର ବିଭିନ୍ନ ବର୍ଗର ଲୋକମାନେ ବିଭିନ୍ନ ପ୍ରକାର ଆଲୋଚନା ଓ ସମାଲୋଚନା କରିବା ସୁଯୋଗ ପାଉଛନ୍ତି। କିଛି ଲୋକ ପୂର୍ବ ନେତୃତ୍ୱକୁ ସଠିକ୍ କହୁଥିଲା ବେଳେ ଆଉ କିଛି ଲୋକ ବର୍ତ୍ତମାନର ସରକାରଙ୍କ ପଦକ୍ଷେପକୁ କାଠଗଡ଼ାକୁ ନେବା ଯାଏ କଥା ଉଠାଉଛନ୍ତି। ହେଲେ ବିନା ପରୀକ୍ଷା ନିରୀକ୍ଷାରେ କୌଣସି କାର୍ଯ୍ୟକୁ ସଫଳ ବା ବିଫଳ କହିବା ଠିକ୍ ନୁହେଁ। ଏଥିପାଇଁ ଧୈର୍ଯ୍ୟ ଓ ଅପେକ୍ଷାର ଆବଶ୍ୟକତା ରହିଛି।

ଯଦିଓ ବିମୁଦ୍ରୀକରଣ ଘୋଷଣା ପରେ ସାରା ଦେଶର ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରକାର ଆଶା, ଆଶଙ୍କା ଦେଖା ଦେଇଥିଲା। ସେତେବେଳେ କେନ୍ଦ୍ରର ଏନ୍‌ଡିଏ ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଭିମୁଖ୍ୟ ସପକ୍ଷ ଓ ବିପକ୍ଷରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଲା। ବିରୋଧୀମାନେ ମୋଦିଙ୍କ କୁତ୍ସା ରଟନା କଲା ବେଳେ ଆର୍ଥିକ ସଂସ୍କାର ସପକ୍ଷବାଦୀମାନେ ବିମୁଦ୍ରୀକରଣର ସକାରାତ୍ମକ ଦିଗ ଉପରେ ଆଲୋଚନା କଲେ। ପୁରୁଣା ଟଙ୍କା ଜମା କରି ନୂଆ ଟଙ୍କା ପାଇବାକୁ ବ୍ୟାଙ୍କ ଆଗରେ ଯେଭଳି ଧାଡି ଲମ୍ବିଲା ତାହା କେବଳ ଅନୁଭବ କରିବାର କଥା। ହେଲେ ହଠାତ୍ ଏତେ ଏତେ ଟଙ୍କା ବ୍ୟାଙ୍କ ପାଖରେ ଜମା ହେବାକୁ ଆସିଲା କେମିତି ? ଯେଉଁମାନେ ବିଡା ବିଡା ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବଦଳ କରିବାକୁ ବ୍ୟାଙ୍କକୁ ଧାଇଁଲେ, ସେମାନେ ଏତେ ଟଙ୍କା ଘରେ ଜମା କରି ରଖିଥିଲେ କାହିଁକି ? ରିଜର୍ଭ ବ୍ୟାଙ୍କ ପ୍ରଚଳନ କରୁଥିବା ନୋଟ ଗୁଡିକ କାରବାର ପାଇଁ ଉଦ୍ଦିଷ୍ଟ ହୋଇଥିଲା ବେଳେ, ତାହାକୁ ଘରେ ଲୁଚାଇ ରଖିବାର ଅର୍ଥ କ’ଣ ତାହା ସହଜରେ ଅନୁମାନ କରିହୁଏନି। ଯେଉଁ ଚିନ୍ତାଧାରାକୁ ନେଇ ଏନ୍‌ଡିଏ ସରକାର ବିମୁଦ୍ରୀକରଣ କଲେ ଏବଂ ତାହା ପରବର୍ତ୍ତୀ ସମୟରେ ଯେଉଁ ରୂପ ନେଲା ତାହା ଦେଶବାସୀ ଜାଣିଛନ୍ତି। ବାସ୍ତବିକ ବଜାରରେ ଚଳପ୍ରଚଳ ନକରି କିଛି ଲୋକଙ୍କ ଘରେ ଗଚ୍ଛିତ ହେଉଥିବା ଟଙ୍କାକୁ ପୁଣି ଥରେ ବଜାରରେ ସକ୍ରିୟ କରାଇବା ହୁଏତ ଏହାର ଭିତିରି ଉଦ୍ଦେଶ୍ୟ ହୋଇପାରେ। କିମ୍ବା କଳାଧନ ବୋଲି କୁହାଯାଉଥିବା ଟଙ୍କାକୁ ଦେଶ ହିତ ପାଇଁ ପଦାକୁ କାଢ଼ିବା ଏହାର ଉଦ୍ଦେଶ୍ୟ ନିଶ୍ଚୟ। ଯଦିଓ ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଦେଶର ଆର୍ଥିକ ଅଭିବୃଦ୍ଧିରେ ସାମାନ୍ୟ ସମସ୍ୟା ସୃଷ୍ଟି କରିଛି, ତଥାପି ଏହା ଏକ ଭଲ ପଦକ୍ଷେପ ବୋଲି ଗ୍ରହଣ କରିବାକୁ ପଡିବ।

ବସ୍ତୁ ଓ ସେବା କର (ଜିଏସ୍‌ଟି) କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଦେଶରେ ଏକକ ଟିକସ ବ୍ୟବସ୍ଥା ପ୍ରଚଳନ କରିବା ହେଉଛି ଏହାର ଅସଲ ଉଦ୍ଦେଶ୍ୟ। ଯାହା ଫଳରେ ଟିକସ ଫାଙ୍କୁଥିବା ବ୍ୟବସାୟୀମାନେ ଟିକସ ପ୍ରଦାନ କରିବେ ଏବଂ ଏହି ଅର୍ଥ ଭାରତର ରାଜକୋଷକୁ ସମୃଦ୍ଧ କରିପାରିବ। ରାଜକୋଷ ବୃଦ୍ଧି ପାଇଲେ ଦେଶର ବିକାଶ ପାଇଁ ଆବଶ୍ୟକ ଅର୍ଥ ଏଥିରୁ ଖର୍ଚ୍ଚ ହେବ ଓ ଭାରତ ଏକ ବିକଶିତ ରାଷ୍ଟ୍ର ବୋଲି ବିଶ୍ୱବାସୀ ଅନୁଭବ କରିବେ। ଜିଏସ୍‌ଟି ଏଭଳି ଏକ ବ୍ୟବସ୍ଥା ଯେଉଁଥିରେ ସରକାର ଓ ବ୍ୟବସାୟୀ ଗୋଷ୍ଠୀ ଲାଭବାନ ହେବା ସହିତ ସାଧାରଣ ଲୋକ ମଧ୍ୟ ଉପକୃତ ହୋଇପାରିବେ। ଦେଶର ଅର୍ଥନୀତି ବିକାଶରେ ଟିକସ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଏ। ତେଣୁ ଭାରତ ଭଳି ବିଶାଳ ଦେଶ ପାଇଁ ଆର୍ଥିକ ସଂସ୍କାର ନହେଲେ ବିକାଶ ଅସମ୍ଭବ ହୋଇପଡିବ। ସଂସ୍କାର ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ, ନଚେତ ସରକାର ଚିନ୍ତା କରିଥିବା ସକାରାତ୍ମକ ଦିଗ ଓ ଏଥିରୁ ଏହାର ସୁଫଳ ମିଳିପାରିବ ନାହିଁ। ଯେହେତୁ ଦେଶର ଅର୍ଥ ବ୍ୟବସ୍ଥା ଧିମେଇ ଗଲେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରେନାହିଁ। ଏଣୁ ଜିଏସ୍‌ଟି ପ୍ରଚଳନ ପରେ ଏହା ପଛରେ ଥିବା କିଛି ସିଦ୍ଧାନ୍ତରେ ଏବେ ପରିବର୍ତ୍ତନ ଅଣାଯାଇଛି। ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି ପରିଷଦ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ୨୭ଟି ସାମଗ୍ରୀ ଉପରେ ଟିକସ ହ୍ରାସ ପାଇଛି। ଏଥିସହ ନୂଆ ନିଷ୍ପତ୍ତି ଅନୁଯାୟୀ ଏଣିକି ଦେଢ଼କୋଟି ଟଙ୍କାରୁ କମ୍ କାରବାର କରୁଥିବା ବ୍ୟବସାୟୀମାନେ ଆଉ ମାସକୁ ମାସ ରିଟର୍ଣ୍ଣ ଦାଖଲ କରିବେ ନାହିଁ। କାରଣ ଜିଏସ୍‌ଟି ଲାଗୁ ହେବା ଦିନରୁ ଦେଶର ୯୦% ବ୍ୟବସାୟୀ ଏହାକୁ ବିରୋଧ କରି ଆସୁଥିଲେ। କାରଣ ଏହି ଟିକସ ଦାତାମାନେ ମାସକୁ ମାସ ଟିକସ ଭରିବା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଥିଲା। ଏହାକୁ ହୃଦୟଙ୍ଗମ କରି ଜିଏସ୍‌ଟି ପରିଷଦ ନୂଆ ଘୋଷଣା କରିଛନ୍ତି। ଯାହା କି ଏହି ବର୍ଗର ସବୁ ବ୍ୟବସାୟୀଙ୍କୁ ଫାଇଦା ଦେବ। ତେଣୁ ଧିରେ ଧିରେ ବ୍ୟବସ୍ଥାରେ ହୋଇଥିବା ପରିବର୍ତ୍ତନର ସୁଫଳ ଲୋକଙ୍କୁ ମିଳିପାରିବ।

# ଭାରତରେ ଖାଦ୍ୟ ସମସ୍ୟା ଓ ତା’ର ଦୂରୀକରଣ



ଅମିନୀଲୁ ରାୟ

‘ଅନ୍ନ ବିହୁନେ ହଂସ ହାନି,
ଯୋଗ ସାଧିବୁ କାହା ଘେନି’ ?

ତେଣୁ ସଂସାରର ମୂଳଭୂତ ହେଉଛି ଅନ୍ନ । ମଣିଷର ମୌଳିକ ଓ ବାସ୍ତବ ସମସ୍ୟା ହେଲା ଖାଦ୍ୟ ସମସ୍ୟା । ଗବେଷଣା, ମହାକାଶ ଯାତ୍ରା ଓ ଜ୍ଞାନ ବିଜ୍ଞାନ ଚର୍ଚ୍ଚା – ସବୁ ଏହି ଅନ୍ନ ନିକଟରେ ବନ୍ଧା । ଅନ୍ନ ମୁଠାଏ ନଥିଲେ ସମଗ୍ର ସଂସାର ଅନ୍ଧକାରମୟ ହୋଇଉଠେ । ସଭ୍ୟତାର ବିକାଶ ଦିଗରେ ଯେତେ ସୁନେଲି ସ୍ୱପ୍ନ ଦେଖିଲେ ମଧ୍ୟ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି କେତୋଟି ମୌଳିକ ସମସ୍ୟାର ସମାଧାନ ହୋଇନପାରିଲେ ସେହି ସୁନେଲି ସ୍ୱପ୍ନର କିଛି ମାନେ ହୁଏନା ।

ଅଧୁନା ଜନସଂଖ୍ୟା ଓ କଳକାରଖାନା ଦୃଷ୍ଟିରୁ ବିଚାରକୁ ନେଲେ ଦେଶରେ ଖାଦ୍ୟ ସମସ୍ୟାର ଦୂରୀକରଣ ନିମନ୍ତେ ମୁଖ୍ୟତଃ ପ୍ରଥମେ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ହେଉଛି ଏକାନ୍ତ ଜରୁରୀ । ଗାଣିତିକ ନୀୟମରେ ଜନସଂଖ୍ୟା ବଢିଚାଲିଥିଲାବେଳେ ଚାଷ ଜମିର ପରିମାଣ ସେମିତି ସୀମିତ ହୋଇ ରହିଛି । ଅନାବାଦି, ଗୋଚର, ଜଙ୍ଗଲ କଟାଯାଇ ହୋଇଥିବା ଜମି, ପତିତ ଜମି ଇତ୍ୟାଦିକୁ ଉଦ୍ଧାର କରି ଯେତିକି ଅଧିକ ଚାଷଜମି ବାହାର କରାଯାଉଛି, ତାହା ଆବଶ୍ୟକତା ଅନୁସାରେ ଅତି ନଗଣ୍ୟ । ତେଣୁ ଯଥା ସମ୍ଭବ ଜନସଂଖ୍ୟାର ବୃଦ୍ଧିକୁ ନ ରୋକିଲେ ଖାଦ୍ୟ ସମସ୍ୟା ତ ଦୂର ହେବ ନାହିଁ ବରଂ ତତ୍ ସହିତ ବାସଗୃହ ସମସ୍ୟା ବି ଦିନକୁ ଦିନ ଉତ୍କଟତର ହୋଇ ଉଠିବ ।

ପୁନଶ୍ଚ ବିକାଶମୂଳକ କାର୍ଯ୍ୟକ୍ରମ ନାମରେ ଚାଷ ଜମିକୁ ନଷ୍ଟ କରାଯିବା, ଉର୍ବର ଜମିକୁ ନଷ୍ଟ କରି ସେଠାରେ ବଡ ବଡ କଳକାରଖାନା ବସାଇବା, ସରକାରୀ କାର୍ଯ୍ୟାଳୟ ଓ ଦପ୍ତର ପାଇଁ ଆବାଦ ଯୋଗ୍ୟ ଚାଷ ଜମିକୁ ଦଖଲ କରିବା ଇତ୍ୟାଦି ବିଜ୍ଞତାର ପରିଚାୟକ ନୁହେଁ । ଯୋଜନା ଅନୁଯାୟୀ କୃଷି ବାବଦରେ ଅଧିକ ଅର୍ଥ ବରାଦ କରିବା ସଙ୍ଗେ ସଙ୍ଗେ ତାହାର ସଦୁପଯୋଗ କିପରି ହେଉଛି ତାହାକୁ ପରୀକ୍ଷା କରି ଦେଖାଯିବା ଉଚିତ । ଚାଷୀମାନଙ୍କୁ ପର୍ଯ୍ୟାପ୍ତ ଜଳସେଚନର ସୁଯୋଗ ଦିଆଗଲେ ସେମାନେ ଅଧିକ ଫସଲ ଅମଳ କରିବାକୁ ସମର୍ଥ ହେବେ । ପୁ’ଣି କେନାଲ୍ ଖୋଳାରେ ବହୁତ ଜମି ନଷ୍ଟ ହେଉଥିବାରୁ ତା ସ୍ଥାନରେ ଉଠା ଜଳସେଚନକୁ ଉତ୍ସାହିତ କରାଯିବା ନ୍ୟାୟସଙ୍ଗତ ।

ସଂପ୍ରତି ଆଧୁନିକତା ନାମରେ ଚାଷ ପ୍ରତି ଶିକ୍ଷିତ ଲୋକମାନେ ଦିନକୁ ଦିନ ଅତ୍ୟନ୍ତ ବିମୁଖ ହେବାର ଲକ୍ଷ୍ୟ କରାଯାଉଛି । ଆଜିକାଲି ସମସ୍ତେ ଚାଷ କରିବା ଛାଡି ଚାକିରି କରିବାକୁ ଆଗ୍ରହୀ । ପାଣି କାଦୁଅରେ ପଶି ଚାଷ କରିବାକୁ କେହି ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି । “ଗାଁକୁ ଫେରି ଚାଲ” ବୋଲି ଯେଉଁ ସ୍ଲୋଗାନ ଦିଆଯାଉଥିଲା , ତା’ର କୌଣସି ସୁଫଳ ମିଳିପାରି ନାହିଁ । ତେଣୁ ଏ ସଭ୍ୟ ଶିକ୍ଷିତ ଦୁନିଆରେ ଚାଷ ପ୍ରତି କିଭଳି ଶ୍ରଦ୍ଧା ଓ ଅନୁରାଗ ସୃଷ୍ଟି କରାଯାଇ ପାରିବ, ସେ ବିଷୟରେ ରାଷ୍ଟ୍ର ନେତାମାନେ ଚିନ୍ତା କରିବା ଉଚିତ । ଫସଲ ଚାଷ ସହିତ ମତ୍ସ୍ୟ ଚାଷ, ଛତୁ ଚାଷ, କୁକୁଡା ପାଳନ, ପଶୁ ପାଳନ ଇତ୍ୟାଦି ଆନୁସଙ୍ଗିକ ବୃତି ଦିଗରେ ଚାଷୀମାନଙ୍କୁ ଉତ୍ସାହିତ କରାଯିବା ନିହାତି ଆବଶ୍ୟକ ।

ସ୍ଥଳଭାଗକୁ ଦୃଷ୍ଟିରେ ରଖି ଦେଶରେ ଅତ୍ୟଧିକ କଳକାରଖାନା ପ୍ରତିଷ୍ଠା କରାଯିବା ଅନୁଚିତ । ଚାଷ ଜମିକୁ ନଷ୍ଟ ନ କରି ସେଠାରେ ମାତ୍ର ଗୋଟିଏ କାରଖାନା ବସାଇ ଅଧିକ ଅର୍ଥ ରୋଜଗାର କରିବା ଏବେ ଏକ ସାଧାରଣ ରୀତି ହୋଇଛି । ଗ୍ରୀକ୍ କାହାଣୀର ରାଜା ମିଡାସ୍‌ଙ୍କ ପରି ସମସ୍ତଙ୍କ ହାତରେ ଖାଲି ଟଙ୍କା ବା ସୁନା ଥିବ, ଅଥଚ ଖାଇବାକୁ ମୁଠାଏ ଅନ୍ନ ମିଳୁ ନଥିବ । ଏମିତି ହେଲେ ଏହା ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ । ଜଙ୍ଗଲ ରକ୍ଷା, ପରିବେଶର ସୁରକ୍ଷା, ପ୍ରଦୁଷଣ ନିରୋଧ, ମୃତିକା ସଂରକ୍ଷଣ, କୃଷି ସଂପର୍କୀୟ ଅଧିକ ଶିକ୍ଷା ଓ ତାଲିମ୍ ବ୍ୟବସ୍ଥା, ସ୍କୁଲ୍ ଓ କଲେଜ୍ ପାଠ୍ୟକ୍ରମରେ ବାଧ୍ୟତାମୂଳକ ଭାବେ କୃଷି ଶିକ୍ଷାର ବ୍ୟବସ୍ଥା ଇତ୍ୟାଦି ଏ ଦିଗରେ କିଛି ସାହାଯ୍ୟ କରିବ । ଖାଦ୍ୟ ସମସ୍ୟା ଦୂରୀକରଣ ନିମନ୍ତେ ଧାନ ଗହମ ଭଳି ମୁଖ୍ୟ ଫସଲ ସହିତ ଫଳ ଓ ପନିପରିବାର ବ୍ୟାପକ ଚାଷ କରାଯିବା ଉଚିତ । ତତ୍ ସହିତ ଲୋକମାନଙ୍କୁ ଖାଦ୍ୟ ସଂରକ୍ଷଣର ଆଧୁନିକ କୌଶଳମାନ ଯୋଗାଇ ଦେବା ସଙ୍ଗେ ସଙ୍ଗେ ମିତବ୍ୟୟୀ ହେବାକୁ ଶିକ୍ଷା ଦେବା ଅତ୍ୟନ୍ତ ଜରୁରୀ ।



ଖାଦ୍ୟର ଅଭାବ ମେଂଟାଇବାକୁ ଯାଇ ନେହେରୁଙ୍କ ଦ୍ୱାରା “ଅଧିକ ଶସ୍ୟ ଉତ୍ପାଦନ କର” ନାମରେ ଯେଉଁ ସ୍ଲୋଗାନ ଦିଆଯାଇଥିଲା, ତା ପରିବର୍ତେ ଏବେ “ସବୁଜ ବିପ୍ଳବ” ନାମରେ ଏକ ନୂତନ ଧ୍ୱନି ଦିଆଯାଉଛି । ଦେଶରେ ମୁଖ୍ୟତଃ କୃଷି, କୃଷକ ଓ ଖାଦ୍ୟ- ଏ ତିନୋଟି ଯାକ ଅଙ୍ଗାଙ୍ଗୀ ଭାବେ ଜଡିତ । ଅର୍ଥାତ୍ କୃଷିର ବିକାଶ ଘଟିଲେ ଓ ଅଧିକ ଫସଲ ଉତ୍ପାଦନ ହେଲେ ଖାଦ୍ୟ ସମସ୍ୟା ଦୂର ହୋଇପାରିବ । ଏଇ ଲକ୍ଷ୍ୟ ନେଇ କୃଷିକ୍ଷେତ୍ରରେ ଏକ ମହାନ୍ ବିପ୍ଳବର ଆବଶ୍ୟକତା ରହିଛି । ୧୯୬୭-୬୮ରେ ମେକ୍ସିକୋରୁ ଅଣାଯାଇଥିବା ଏକ ବାଙ୍ଗର ଜାତୀୟ ଗହମ ବିହନ ଏବଂ ଚୀନ୍‌ର ତାଇୱାନ୍‌ରୁ ଆସିଥିବା ଟାଇଚୁଙ୍ଗ୍ ନାମକ ବାଙ୍ଗର ଧାନର ବିହନ ଚାଷ କରାଯାଇ ପ୍ରଚୁର ଫସଲ ଅମଳ କରାଯାଇଥିଲା । ପୁନଶ୍ଚ ୧୯୮୩-୮୪ରେ ୨ୟ ସବୁଜ ବିପ୍ଳବ ପାଳନ କରାଯାଇଥିଲା । କିନ୍ତୁ ୧ମ ସବୁଜ ବିପ୍ଳବ କେବଳ ମାତ୍ର ପଞ୍ଜାବ, ହରିୟାନା ଓ ପଶ୍ଚିମ-ଉତର ପ୍ରଦେଶ ମଧ୍ୟରେ ସୀମିତ ହୋଇଥିବା ସ୍ଥଳେ ୨ୟ ବିପ୍ଳବଟି ପଶ୍ଚିମବଙ୍ଗ, ବିହାର, ଓଡିଶା, ମଧ୍ୟପ୍ରଦେଶ ଓ ଉତରପ୍ରଦେଶକୁ ସଂପ୍ରସାରିତ ହୋଇଥିଲା । କୃଷିବିଜ୍ଞାନୀଙ୍କ ମତରେ ବିଗତ ପ୍ରାୟ ଦୁଇ ଦଶନ୍ଧି ମଧ୍ୟରେ ଅଧିକ ଧାନ ଉତ୍ପାଦନ କ୍ଷେତ୍ରରେ ଏକ ନୀରବ ବିପ୍ଳବ ସଂଘଟିତ ହୋଇଛି । ଲୋକସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଧାନ ଗହମ ଉତ୍ପାଦନର ହାର ମଧ୍ୟ ବଢିଛି । ଏଥି ସହିତ ଖାଦ୍ୟଶସ୍ୟ ଉତ୍ପାଦନରେ ଭାରତ ଏକ ପ୍ରକାର ସ୍ୱାବଲମ୍ବନଶୀଳ ହୋଇପାରିଛି ।

ସାଧାରଣତଃ ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାର କୃଷି ପାଇଁ ଗୋଟିଏ ଲେଖାଁ ସ୍ୱତନ୍ତ୍ର ଦପ୍ତର ଲେଖିଛନ୍ତି । ୧୯୭୦ ମସିହାରୁ ଜାତୀୟ କୃଷି କମିଶନ ଗଠିତ ହୋଇଅଛି । କୃଷିର ସମସ୍ୟା ଓ କୃଷି ସଂପର୍କୀୟ ନୀତିନୀୟମ ଇତ୍ୟାଦି ଉକ୍ତ କମିଶନ ଅନୁଧ୍ୟାନ କରି ଦେଖନ୍ତି ଓ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦିଅନ୍ତି । ଭାରତ ଖାଦ୍ୟ କର୍ପୋରେସନ୍ ଫସଲ ଅମଳ ସମୟରେ ଚାଷୀମାନଙ୍କଠାରୁ ଉଚିତ ଦରରେ ଖାଦ୍ୟଶସ୍ୟ କ୍ରୟ କରି ତାଙ୍କ ଗୋଦାମରେ ରଖନ୍ତି ଏବଂ ପ୍ରାକୃତିକ ଦୁର୍ବିପାକ ଯଥା- ବନ୍ୟା, ବାତ୍ୟା, ଭୂମିକମ୍ପ ଇତ୍ୟାଦି ସମୟରେ ସରକାର ଏଇଥିରୁ ଶସ୍ୟ ନେଇ ଦୁର୍ଗତମାନଙ୍କୁ ସାହାଯ୍ୟ କରିଥାନ୍ତି ।

ଏହା ସତ୍ୟ ଯେ- ଏଭଳି ଏକ ବିକାଶଶୀଳ ରାଷ୍ଟ୍ରରେ କ୍ରମ ବର୍ଦ୍ଧମାନ ଲୋକ ସଂଖ୍ୟା ହିଁ ଖାଦ୍ୟ ସମସ୍ୟାର ମୁଖ୍ୟ କାରଣ । ୧୯୩୫ ମସିହା ବେଳକୁ ପୃଥିବୀର ଲୋକସଂଖ୍ୟା ୧୮୫ କୋଟି ଥିବାବେଳେ ତାହା ଆଜି ପ୍ରାୟ ୭୦୦ କୋଟିରେ ପହଂଚିଲାଣି । ଜାତିସଂଘ ତରଫରୁ ସତର୍କ କରାଇ ଦିଆଯାଇଛି କି- ୨୦୫୦ ମସିହା ବେଳକୁ ଏହି ସଂଖ୍ୟା ୯୨୦ କୋଟିରେ ପହଂଚିବ ବୋଲି ପୂର୍ବାନୁମାନ କରାଯାଏ । ପୁନଶ୍ଚ ଆଜିକୁ ୯୬ ବର୍ଷ ତଳେ ଅର୍ଥାତ୍ ୧୯୨୧ରେ ଅବିଭକ୍ତ ଭାରତବର୍ଷର ମୋଟ୍ ଲୋକସଂଖ୍ୟା ମାତ୍ର ୩୧ କୋଟି ୮୯ ଲକ୍ଷ ଥିଲାବେଳେ ଆଜି କେବଳ ଭାରତର ଲୋକସଂଖ୍ୟା ୧୩୪ କୋଟି ୨୫ ଲକ୍ଷରୁ ଉର୍ଦ୍ଧ ହେଲାଣି । କ୍ରମବର୍ଦ୍ଧିତ ଏହି ବିପ୍ଳବ ଜନସଂଖ୍ୟାକୁ ସୀମିତ ଜନରୁ ଖାଦ୍ୟ ଯୋଗାଇବା ବର୍ଷକୁ ବର୍ଷ ଦୁରୂହ ହୋଇପଡୁଛି ।

ସଂପ୍ରତି ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ବହୁ ଖାଦ୍ୟଶସ୍ୟ ନଷ୍ଟ ହେଉଛି । ମିତବ୍ୟୟିତା ଭାରତୀୟମାନଙ୍କର ଗୋଟିଏ ଅଭ୍ୟାସ ବା ଲକ୍ଷଣ ହୋଇନଥିବାରୁ ତଥା ଉପଯୁକ୍ତ ଶିକ୍ଷାର ଅଭାବରୁ ଆମେ ଯେତିକି ଖାଉ, ତା’ର ପ୍ରାୟ ଅର୍ଦ୍ଧେକ ପରିମାଣର ଖାଦ୍ୟ ନଷ୍ଟ କରିଥାଉ । ବଡ ବଡ ଭୋଜି ଉତ୍ସବରେ ମଧ୍ୟ ଯେଭଳି ଅବିଚାରିତ ଭାବେ ଖାଦ୍ୟ ନଷ୍ଟ କରାଯାଏ, ତାହା କମ୍ ଲଜ୍ଜାକର କଥା ନୁହେଁ । ପୃଥିବୀର କୋଟି କୋଟି ଲୋକ ଖାଦ୍ୟ ଅଭାବରେ ମୃତ୍ୟୁବରଣ କରୁଥିଲାବେଳେ ଧନୀ ଲୋକମାନେ ଖାଦ୍ୟ ନଷ୍ଟ କରିବାକୁ ଏକ ବିଳାସ ବୋଲି ମନେକରିଥାନ୍ତି । ଦୃଷ୍ଟାନ୍ତ ସ୍ୱରୂପ- ଆଫ୍ରିକାର ସୋମାନିଆ ଭଳି ମରୁଡିଗ୍ରସ୍ତ ଅଂଚଳରେ ଅନାହାର ମୃତ୍ୟୁ ଏକ ସ୍ୱାଭାବିକ ଘଟଣାରେ ପରିଣତ ହୋଇଛି । ସେଠାରେ ପ୍ରାୟ ଦେଢ କୋଟି ଲୋକ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ଦୈନିକ ହାରାହାରି ଦୁଇ ଶହ ଲୋକ ପ୍ରାଣ ହରାଉଛନ୍ତି । ତେଣୁ ଭାରତରେ ପ୍ରତ୍ୟେକ ନାଗରିକ ଖାଦ୍ୟଶସ୍ୟ ପ୍ରତି ସଚେତନତା, ସଂରକ୍ଷଣ ଓ ଉତ୍ପାଦନ ଦିଗରେ ଧ୍ୟାନ ଦେବା ସହିତ ଖାଦ୍ୟ ସମସ୍ୟାର ସମାଧାନ ତଥା ଦୂରୀକରଣ ନିମନ୍ତେ ସୁଚିନ୍ତିତ ପଦକ୍ଷେପମାନ ଗ୍ରହଣ କଲେ ଭାରତବର୍ଷରୁ ଖାଦ୍ୟ ସମସ୍ୟାର ବିଲୋପ ଘଟିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ମୋ-୯୯୩୭୪୧୨୫୧୫*

# ମାନବିକତା - ଆସ୍ଥାହୀନ ଆଇନ୍ କାନୁନ୍



ମନୋରଞ୍ଜନ ପଣ୍ଡା

ଯେଉଁଠି ହିସାବ ହୁଏ ନ୍ୟାୟ ଓ ଅନ୍ୟାୟର। ଦୋଷୀକୁ ଦଣ୍ଡ ଓ ନିର୍ଦ୍ଦୋଷୀକୁ ନିର୍ଦ୍ଦୋଷରେ ଖଲାସ କରାଯାଏ ସେହି ନ୍ୟାୟାଳୟ ବା କୋର୍ଟକୁ ସେଦିନ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ମୁଁ ଯାଇଥାଏ। ସମୟ ପ୍ରାୟ ଦିନ ୩ଟା ହେବ। ହଠାତ୍ ନ୍ୟାୟାଳୟ ପରିସରରେ ଉଚ୍ଚ ସ୍ୱରରେ ପାଟିତୁଣ୍ଡ ଶୁଣାଗଲା। ଏହାର କାରଣ ଜାଣିବା ପାଇଁ ମନରେ ମୋର ଉତ୍କଣ୍ଠା ସୃଷ୍ଟି ହେଲା। ସଙ୍ଗେ ସଙ୍ଗେ ଚାଲି ଆସିଥିଲି ଘଟଣା ସ୍ଥଳକୁ ଓ ସେଠାରେ ଯାହା ଦେଖିଲି ହୁଏତ ମୋ ପାଇଁ ଥିଲା ପ୍ରଥମ ଅନୁଭୂତି ଓ ସହଜରେ ବିଶ୍ୱାସ କରିପାରିନଥିଲି ଆଖିକୁ। ଜଣେ ୫୦ କି ୬୦ ବର୍ଷର ବୃଦ୍ଧା ମହିଳା ଗାଳି ଗୁଲଜ କରିଚାଲିଥିଲେ ଜଣେ ଓକିଲ ମହାଶୟଙ୍କୁ। ଘଟଣାଟି କିଛି ସମୟ ଅନୁଧ୍ୟାନ କରି ସାରିବା ପରେ ବୃଦ୍ଧା ମହିଳା ଜଣଙ୍କର ଉଚ୍ଚ ସ୍ୱରରୁ ଯାହା ମୁଁ ଅନୁମାନ କରିନେଲି କି କୌଣସି ଏକ କାରଣରୁ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ନ୍ୟାୟ ପାଇବା ପାଇଁ ସେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଏବଂ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବାରେ ସାହାଯ୍ୟ କରିବା ପାଇଁ ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରୁଥିବା ସେହି ନ୍ୟାୟର ରକ୍ଷକ କୁହାଯାଉଥିବା ଜଣେ ଓକିଲ ମହାଶୟଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ଓକିଲଙ୍କ ପାରିଶ୍ରମିକ ବାବଦରେ ମଧ୍ୟ କିଛି ଅର୍ଥ ଯୋଗାଡ କରି ତାଙ୍କୁ ଦେଇଥିଲେ। ମାତ୍ର ସେହି ଓକିଲ ମହାଶୟ ଜଣଙ୍କ ତାଙ୍କୁ ଦୁଇମାସ ସମୟ ଦେଇଥିଲେ ମଧ୍ୟ ବୃଦ୍ଧାଙ୍କୁ କୌଣସି ପ୍ରକାର ସାହାଯ୍ୟ କରିନଥିଲେ। ଯାହାଫଳରେ କି ଆଖିରେ ଆଖିଏ କ୍ରୋଧ ଓ ନିଜ ପ୍ରତି ଘଟିଯାଇଥିବା ସେହି ଅନ୍ୟାୟର ଅସହ୍ୟ ଯନ୍ତ୍ରଣାକୁ ନିଜ ମନ ମଧ୍ୟରେ ଚାପି ରଖିଥିବା ସେହି ମହିଳା ଅତ୍ୟନ୍ତ କ୍ଷୁବ୍ଧ ହୋଇ ଓକିଲ ମହାଶୟ ଜଣଙ୍କୁ ମନର ବେଦନାକୁ ଗାଳି ମାଧ୍ୟମରେ ପ୍ରକାଶ କରିଥିଲେ। ତାଙ୍କର ଅନ୍ୟ ଓକିଲ ବନ୍ଧୁମାନେ ମଧ୍ୟ ସେହି ମହିଳା ଜଣଙ୍କୁ ପ୍ରତିଉତ୍ତରରେ ନିରବ ରହିବାକୁ ଉଚ୍ଚ ସ୍ୱରରେ ସତେ ଯେମିତି ନିର୍ଦ୍ଦେଶ କରୁଥିଲେ। ନିରୁପାୟ ବୃଦ୍ଧା ମହିଳା ଜଣଙ୍କର ସତେ ଯେମିତି ଆସ୍ଥା ତୁଟି ଯାଇଥିଲା ଆଇନ୍ କାନୁନ୍ ଉପରୁ। ମାନବିକତା ଉପରେ ତାଙ୍କର ଉଠିଥିଲା ପ୍ରଶ୍ନ। ପ୍ରକୃତରେ ଭୂଲ୍ କାହାର ? ନ୍ୟାୟର ରକ୍ଷକ କୁହାଯାଉଥିବା ଓକିଲ ମହାଶୟ କ’ଣ କେବେ ଭୂଲ୍ କରିପାରିବେ ? ହେଲେ ବିନା ଦୋଷରେ କାହିଁକି ବା କିଏ ଅନ୍ୟକୁ ଭୂଲ୍ ଦେବ, ଗାଳି ଦେବ ? ଏମିତି ବିନା ଦୋଷରେ ଗାଳି କରିବା ଲୋକମାନଙ୍କର ସଂଖ୍ୟା ତ ଏ ସମାଜରେ କମ୍ ନୁହେଁ। ମାତ୍ର ଅଳ୍ପ ସମୟ ଭିତରେ ମୁଁ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଜାଣି ପାରିନଥିଲି ଓ ବୁଝିପାରି ନଥିଲି ଏହାର ସତ୍ୟାସତ୍ୟ କ’ଣ। ମନ ମଧ୍ୟରେ ଏହି ସବୁ ପ୍ରଶ୍ନ ଗୁଡିକର ଉତ୍ତର ଖୋଜି ଖୋଜି ବାସ୍ତବତାକୁ ଫେରିଲା ବେଳକୁ ଆଖି ସାମ୍ନାରୁ ଉଭାନ୍ ହୋଇଯାଇଥିଲେ ସେହି ବୃଦ୍ଧା ମହିଳା ଜଣକ। ନ୍ୟାୟାଳୟର ବାହାରେ ତାଙ୍କୁ ଅନେକ ଖୋଜିଥିଲି ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ନିମନ୍ତେ, ମାତ୍ର ସତେ ଯେମିତି ତାହା ମୋ ପକ୍ଷରେ ସମ୍ଭବ ହୋଇନଥିଲା। ଏବେବି ମୋ ମନରେ ପ୍ରଶ୍ନ ଉଙ୍କି ମାରିଚାଲୁଛି ନ୍ୟାୟ, ଅନ୍ୟାୟ ବିଚାର କରୁଥିବା ମଣିଷ, ନ୍ୟାୟର ରକ୍ଷକ କୁହାଯାଉଥିବା ଓକିଲ ମହାଶୟ କ’ଣ ଭୂଲ୍ କରିପାରିବେ ? କାହିଁକି ସେହି ମହିଳା ତାଙ୍କୁ ଗାଳି କରୁଥିଲେ କ’ଣ ବିନା ଦୋଷରେ ? ଏପରିକି ତାଙ୍କ ବେଶ ପୋଷାକରୁ ତ ସେ ଜମା ଜଣାପଡୁନଥିଲେ ଜଣେ ପାଗଳୀ ଭଳି। ତେବେ ଅର୍ଥହୀନ ଦୁଃଖିନୀମାନଙ୍କୁ ଚିହ୍ନିବାରେ କିଏବା ଭୂଲ୍ କରିପାରିବ ? ଶେଷରେ ସେହି ଅନ୍ୟାୟର ଶୀକାର ହୋଇଥିବା ପୀଡିତା ଜଣକ ଛାତିରେ ଛାତିଏ ଦୁଃଖ, ଯନ୍ତ୍ରଣାକୁ ଚାପି ନିରୁପାୟ ଭାବରେ ହଠାତ୍ କେଉଁ ଆଡକୁ ଚାଲିଯାଇଥିଲେ ତାହା ଜାଣିପାରିଲିନାହିଁ।

ସତରେ କ’ଣ ଆମ ଦେଶରେ କାର୍ଯ୍ୟକାରୀ ହେଉଥିବା ଆଇନ୍ କାନୁନ୍ ସମସ୍ତଙ୍କ ପାଇଁ ସମାନ ? ନ୍ୟାୟ ଲୋଡୁଥିବା ଲୋକଟି ନ୍ୟାୟ ପାଇବା ନିମନ୍ତେ ଆଇନ୍‌ର ଦ୍ୱାରସ୍ଥ ହୋଇ ଶେଷରେ ନିରୁପାୟ, ଆସ୍ଥାହୀନ ହୋଇଯାଉଛି। ମାତ୍ର ଅର୍ଥବଳ ଓ କ୍ଷମତାଶୀଳ ବ୍ୟକ୍ତି ମାନଙ୍କର ସତେଯେମିତି ହାତବାରିସି ସାଜିଛି ଆଇନ୍। ଅନ୍ୟାୟ ଓ ଭୂଲ୍ କରି ବି ଦଣ୍ଡ ପାଇବା ପରିବର୍ତ୍ତେ ଆଇନ୍ ଆଖିରେ ଧୂଳି ଦେଇ ଅନ୍ଧପୁଟୁଳି ବାନ୍ଧି ଆରାମରେ ସମାଜରେ ପ୍ରତିଷ୍ଠିତ ବା ମହାନ୍ ବ୍ୟକ୍ତି ଭାବରେ ସେମାନେ ନିଜର ଉପସ୍ଥିତି ଉଚ୍ଚ କଣ୍ଠରେ ଜାହିର କରିପାରୁଛନ୍ତି। ତେବେ ଏହିଭଳି ପରିସ୍ଥିତିରେ ସାଧାରଣ ବା ଅର୍ଥହୀନ ଲୋକଟି କ’ଣ ନ୍ୟାୟ ପାଇପାରିବ ନାହିଁ ? ତେବେ ସେ ନ୍ୟାୟ ପାଇଁ ଭରସା କରିବ କାହାକୁ ? ଆଜିକାଲି ମାନବିକତା ସତେ ଯେମିତି ହଜି ହଜି ଯାଉଥିବା ମନେହେଉଛି।

*କିଆପଲ୍ଲୀ, ବାଙ୍କୀ*
*ମୋ-୮୧୧୪୩୦୪୭୦୮*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ଅମୁହାଁ ଦେଉଳ

ଉପନ୍ୟାସ
ଭାଗ-୩



ଡ. ମୌସୁମୀ ପରିଡ଼ା

ଓ..ମ୍ୟାମ୍,ହାଲୋ..ଭୁଲିଗଲୁ କି..ନିଜ କଥା ! କଣ କଣ ସବୁ କହୁଥିଲୁ ମନେପକା ତ କାଇଣ୍ଡ୍‌ଲି-ନାନୀ ନେଇଯିବ ଟିକେ ଅପେକ୍ଷା କର। ହେଇଟି ଯାଉଛି..ରହ ଟିକେ ଯାଉଛି..ଏ ଟପ୍ ସାଙ୍ଗକୁ ସେ ଜିନ୍ସ ମ୍ୟାଚିଙ୍ଗ୍ ହେଉନି। ନା..ହ୍ୱାଇଟ୍ ତ ଜମା ନୁହଁ। ମେରୁନ୍ କଲର୍ ଟପ୍ ନାନୀ ପିନ୍ଧି ଚାଲିଗଲାଣି..! ଓ ଗଡ୍..ନିଜ ଡ୍ରେସ୍‌କୁ ବି ନେଇ ଏତେ ପଜେସିଭ୍ ଯେ..ଅଧଘଂଟା ଡେରି ଖାଲି ମ୍ୟାଚିଙ୍ଗ୍‌କୁ ନେଇ ! ଆଉ ମୋର ସବୁ ଦୋଷ ନା ! ଚମତ୍କାର ! ସେମାନଙ୍କ ପାଟିତୁଣ୍ଡ ଶୁଣି କିଛି ଲୋକ ଚାହୁଁଥାନ୍ତି ଆଶ୍ଚର୍ଯ୍ୟାନ୍ୱିତ ହୋଇ। ସେ ଆଡକୁ ନଜର ନଦେଇ ତନ୍ଦ୍ରା କହି ଚାଲିଥାଏ ତା କଥା।

ତାକୁ ଚୁପ୍ କରାଇବାକୁ ରେଣୁକା ପ୍ରସଙ୍ଗ ବଦଳାଇଲା-ଏବେ ଅଟୋ ଅପେକ୍ଷାରେ ଏମିତି ରାସ୍ତାକଡରେ ଛିଡା ହୋଇ ଝଗଡା କରୁଥିବା ! ସେପଟେ ସୋ'ଆରମ୍ଭ ହେବାକୁ ଥିବ।

ମୋତେ ବି କେମିତି କେମିତି ଲାଗିଲାଣି। ଓଃ..ଆସିଲା ବେଳକୁ କାଇଁ ଜୁସ୍ ପିଇଲି ଯେ !

ମାନେ.. ?

ବାଥ୍ ରୁମ୍ ..! ବୁଝିପାରୁନୁ ଝିଅମାନେ ହନ୍ତସନ୍ତ ହେବାର ଅନେକ କାରଣ ଭିତରୁ ସବୁଠୁ ପ୍ରଧାନ କାରଣଟି !

ଓ ଗଡ୍..ଏ ବାପ ଝିଅ ଉଭୟଙ୍କ ଟିକେ ପ୍ରୋବ୍ଲମ୍ ଅଛି ବୋଧେ..ଏ ଜନବହୁଳ ରାସ୍ତାଟାରେ କେମିତି..ୟାର୍ ? ତୋର ହୁଏ କଣ ? ମିଛ କହିଲେ କି ଟିକେ ବି ଟେନ୍ସଡ୍ ହେଲେ ବାଥ୍ ରୁମକୁ ଝୁରିହେଉ। ଏକ୍‌ଜାମ୍‌ସରେ ତ..ଲେଡିଜ୍ ବାଥ୍ ରୁମ୍ ତୋ ପାଇଁ ବ୍ଲକ୍‌ଡ। ମୋତେ ତୋ ବିବାହ କଥା ଭାବିଲେ ଭାରି ହସ ଲାଗେ। ବିଚରା ତୋ ବର..!! ଇଟ୍ ଓ୍ୱିଲ୍ ବି ଫନି ନା..? ତୋ ପତିଦେବ..ଖୁବ୍ ରୋମାଂଟିକ୍ ମୁଡ୍‌ରେ ଥାଇ ତୋ ପାଖକୁ ଆସିବା ମାତ୍ରେ..ତାଙ୍କ ସାମ୍ନା ଆସିଯାଉଥିବ ତୋ ଲିଟ୍ଲ ଫିଙ୍ଗର୍ ଅର୍ଥାତ୍ କାଣି ଅଙ୍ଗୁଳି...। ସ୍କୁଲରେ 'ଗୋ' ଯିବା ପରି ! ସେ ମୁଡ୍‌ଅଫ୍ କରି ଅପେକ୍ଷା କରିବେ ତୁ ଫେରିବା ଯାଏଁ। ଆଉ ତୁ ବି ଫେରିବୁ ମାତ୍ର ଦଶ ମିନିଟ୍ ବ୍ୟବଧାନରେ। ପୁଣି ସେ ଛାଡିଥିବା ମୁଡ୍‌ର ଖିଅଟାକୁ ଧରି ପୁଣି ରୋମାଂଟିକ୍ ହେବା ମାତ୍ରେ..ତୋର ସେ ବିରକ୍ତିକର କାଣି ଅଂଗୁଳି ପୁଣି ବାଟ ରୋକିବ ଟ୍ରାଫିକ୍ ପୋଲିସ୍ ପରି ! ସାରା ରାତି ପାହିଯିବ..ବାଥ୍ ରୁମ୍ ଯାଏଁ ରେସ୍ କରି କରି। ଆଉ ଘର ଲୋକେ ଭାବିବେ..ହିଟ୍ ସୋ' ଚାଲିଛି ! ହା..ହା..ହା ଆଉ ନିଜକୁ ରୋକିପାରିଲାନି ରେଣୁକା।

ଇଡିଅଟ୍..ଏଭଳି ସମୟରେ ବି ତୋର ଜୋକିଂ ! ମୋ ଅସହାୟତାକୁ ନେଇ ହସୁଛୁ ! ତୁ କାଳେ ମୋର ବେଷ୍ଟ ଫ୍ରେଂଡ୍ ! ଆମ୍ ଆଇ ଏ ବିଗ୍ ଫୁଲ୍ ? ତନ୍ଦ୍ରା ରାଗରେ ଜଳି ଉଠିଲା ଯେପରି !

ଜୋକିଙ୍ଗ୍ ୟାର୍..। ଏଠି ସେମିତି କିଛି ଯାଗା ନାହିଁ ତୋତେ ସଜେଷ୍ଟ୍ କରିବାକୁ। ଫିଲ୍ମ ହଲ୍ ଯାଏଁ ଅନ୍ତତଃ କଂଟ୍ରୋଲ୍ କର।

ଓଃ..ଗଡ୍। ପୁଣି ଗୋଟେ ବ୍ଲନ୍‌ଡର୍ ?

ପୁଣି କଣ ? ଭୟାତୁର ଦୃଷ୍ଟିରେ ଚାହିଁଲା ରେଣୁକା।

ଆରେ..ଲୁଜ୍ ଲାଗୁଛି।

କଣଟା..ତନ୍ଦ୍ରା ? ତୁ ସବୁବେଳେ ଇମ୍ପସିବ୍ଲ। ସବୁ ଅଘଟଣ ତୋ ସହିତ କାହିଁକି ହୁଏ ଯେ ! ଓଃ..ମଣିଷ କାହା ପାଲାରେ ପଡିଲା ଯେ !

ମୁଁ କଣ ଜାଣିଜାଣି କରୁଛି ଏସବୁ ? ତୁ ବି ଭାରି ଡିପ୍ରେସଡ୍ କରାଉ। ଛାଡ ସେସବୁ। ଏବେ ପ୍ରୋବ୍ଲମ୍‌ଟା ସଲ୍‌ଭ କର। ଇନର୍‌ର ହୁକ୍‌ଟା ଲଗେଇ ଦେ'ଟିକେ ପ୍ଲିଜ୍। ତନ୍ଦ୍ରା କହିଲା।

ଓ..ଡ୍ରାମା କୁଇନ୍। ତୋ ମେଲୋ ଡ୍ରାମା ବନ୍ଦକର ପ୍ଲିଜ୍। ଏ ଗହଳିରେ ଲଗାଇବା ସଂଭବ ନୁହଁ। ବାଥ୍ ରୁମ୍ ବି ପାଖରେ ନାହିଁ। କଣ କରିବି ଭଲା ? ରେଣୁକା ଚିନ୍ତା ପ୍ରକଟ କଲା।

ଆଡଜଷ୍ଟ୍ କରି ଦେଖ୍ ନା ପ୍ଲିଜ୍ ! ଖୁବ୍ ଅସହ୍ୟ ଲାଗୁଛି ! ମୋ ପଛକୁ ଆସି ଦେଖ୍ କଷ୍ଟ ହେବନି ଲଗାଇବାକୁ।

ମୋ ଭାଇ ଠିକ୍ କଥାଟେ କହେ-ଲେଡିଜ୍‌ଙ୍କୁ ନେଇ କୁଆଡେ ଯିବନି। ସବୁତକ ପ୍ରୋବ୍ଲେମ୍ ତାଙ୍କ ଭାଗ୍ୟରେ ଥାଏ। ବୁଦ୍ଧିମାନର କାମ ହେଉଛି ସେମାନଙ୍କୁ ସ୍ୱଜାତୀୟ ମାନଙ୍କ ସହିତ ଛାଡିଦିଅ। ବାସ୍ ପ୍ରୋବ୍ଲେମ୍ ସଲଭ୍‌ଡ। ରେଣୁକା ବିରକ୍ତିରେ କହୁ କହୁ ଲୋକମାନଙ୍କ ନଜର ଆଢୁଆଳରେ ଯାଇ ତନ୍ଦ୍ରାର ଅର୍ନ୍ତବସ୍ତ୍ରରେ ହୁକ୍ ଲଗେଇଲା।

ଯାହା କହ ପଛେ..ପ୍ରୋବ୍ଲେମ୍‌ରେ ପଡିଯାଇଥିଲି ଯେତେବେଳେ ଆଉ ଉପାୟ କଣ ! ତନ୍ଦ୍ରା ହତାଶ ସ୍ୱରରେ ଜବାବ ଦେଲା।

ସତରେ ଆଜି ଯାଇ ହେବନି କି କଣ ! ଭାବୁଥିଲି ଘରୁ ସ୍କୁଟି ନେଇ ଆସିବାକୁ..ହେଲେ ନାନୀ ନେଇଗଲା। ରିକିଭାଇଙ୍କୁ କହିଲି ଟିକେ ଆମ ଦୁହିଁଙ୍କୁ ନେଇ ହଲ୍ ପାଖେ ଛାଡି ଦେ'ବୋଲି..। କହିଲା ଟ୍ୟାକ୍ସିରେ ପଳାଇବ। ନହେଲେ ଟାଉନ୍ ବସରେ..! ମୋ ସାଙ୍ଗର ଭଉଣୀ ବାହାଘର। ସେ କାମ ତୋ କାମଠୁ ଜରୁରୀ। କିନ୍ତୁ ସେ ବି ଭୁଲିଯାଇଛି ଅଟୋ ଷ୍ଟ୍ରାଇକ୍ ବୋଲି। ଏ ବଡ ଲୋକମାନେ ସତରେ ଭାରି ବସି ..ସବୁବେଳେ ହୁକୁମ୍‌ନାମା। ଅସନ୍ତୁଷ୍ଟ ହେଉଥିଲା ରେଣୁକା।

ଆଜି କାହା ମୁହଁ ଦେଖିଥିଲେ କେଜାଣି ! ଏତେ ସବୁ ବିପଦ ଏକାସାଙ୍ଗେ..!

(କ୍ରମଶଃ...)

## ---------ବିଶେଷ କବିତା---------

### ଆଉ ଏକ ଚନ୍ଦ୍ରଭାଗା

ତୁମରି ମନର ମାନଚିତ୍ରେ ମୋ'ର
ରଖିଥିଲି ଖଣ୍ଡେ ଜାଗା,
ଗଢ଼ିଥାନ୍ତି ସେଠି କୋଣାରକ ସେ'ତ
ଆଉ ଏକ ଚନ୍ଦ୍ରଭାଗା।

ତୁମରି ଦୁଃଖର ସାଗରଟା ଏତେ
ଗଭୀର ନଥିଲି ଭାବି,
ବିଶ୍ୱାସର ଯେତେ ପଥର ଖଣ୍ଡ ମୋ'
ସବୁ ଗଲା ସେଠି ବୁଡି,
ତଥାପି ସପନ ପହଁରୁଥିଲା ମୋ'
ଭରସାର ହୁଲି ଡଙ୍ଗା।

ଦୁଃଖକୁ ତୁମର ଚାପିଦେଇ ମୋର
ପ୍ରୀତିର ପଥର ତଳେ,
ତିଆରିଲି ସିନା କୋଣାରକ ତୁମ
ଲୁହର ସାଗର କୂଳେ,
ହେଲେ ସେ କୋଣାର୍କ ତୁମଠୁ ଅଧିକ
ଦେଇଗଲା ମୋତେ ଦଗା।



ବିପିନ୍ ମହାନ୍ତି

### ତୁମେ ମାଟିଦୀପ

ତୁମେ ମାଟିଦୀପ କେମିତି ବୁଝିବ
କିଏ ଘିଅ, କିଏ ଲୁହ,
ମୁଁ ତ ସଳିତା ଲୁହରେ ଜଳୁଛି
ଦେହକୁ କରିଛି ଘିଅ।

ମୁଁ ତ ଜଳିଯିବି ପାଉଁଶ ହୋଇବି
ରାତି ଯାଇଥିବ ପାହି,
ତୁମେ ପୁଣି ଆଉ କାହାକୁ ଜାଳିବ
ସଳିତା ସଜେଇ ଦେଇ,
ନଥିବ ସେ ରାତି, ନଥିବ ସେ ସ୍ମୃତି
ଖୋଜିବ ଅଜଣା ଦେହ।

ଭାଙ୍ଗିଯିବ ଦିନେ ମାଟିଦୀପ ତୁମେ
ଜାଳିବାର ମୋହ ଛାଡ଼ି,
ବୁଝିନିଅ ଥରେ ସଳିତାର ମନ
ମାର ନାହିଁ ଜାଳିପୋଡ଼ି,
ମୋତେ ଜାଳିଦେବା ଆଗରୁ ସାଦରେ
ଥରେ ତ କୋଳେଇ ନିଅ।

*ଭିଙ୍ଗାରପୁର ଶାସନ,*
*ବାଲିପାଟଣା, ଖୋର୍ଦ୍ଧା*

### ଯାତ୍ରୀଟିଏ ଦୂର ଦିଗନ୍ତର

ଦେବସ୍ମିତା ବେହେରା



ଯାତ୍ରୀଟିଏ ମୁହିଁ ଦୂର ଦିଗନ୍ତର
ସୀମାହୀନ ମୋର ପଥ,
ଏକାକୀ ଚାଲିବି ଜିଇଁ ଥିବାଯାଏଁ
ଜମା ମିଛ ନୁହେଁ ସତ।

ଭସା ପତରକୁ ସାହା ଏକା କରି
ପିମ୍ପୁଡି ଯାଏ ଯେ ଭାସି,
ଏକା ଚାଲିବାରେ ଭୟ କାହିଁପାଇଁ
ନିଜେ ପରା ନିଜ ସାଥୀ।

ଏ ନୀଳ ଆକାଶ ପଥ ଦେଖାଉଛି
ଗାଇ ହସି ହସି ଗୀତ,
ଜୀବନର ଚଲାପଥେ ମିଳନ୍ତି
କେତେ ନୂଆ ନୂଆ ମିତ।

ନଦୀ କୂଳେ କୂଳେ ବିଜନ ବିଳାସୀ
କାଶତଣ୍ଡୀ ରୂପରେଖା,
ପବନରେ ଝୁଲି ବାରତା ଦିଏ ସେ
ଚାଲିବାକୁ ଏକା ଏକା।

ଗୋଧୂଳି ଲଗନ ଆଶା ଦେଇ ଗାଏ
ଆଗାମୀ ସକାଳ ଗୀତ,
ଜୀବନ ଜୀଇବା ଆଶାରେ ଚାଲିଛି
ନମାନି ନିଦାଘ,ଶୀତ।

ଜୀବନକୁ ଯଦି କେବେ ମୁଁ ଭେଟିବି
ଜାଳିବି ଆଶାର ଦୀପ,
ଯାତ୍ରୀଟିଏ ମୁହିଁ ଦୂର ଦିଗନ୍ତର
ସୀମାହୀନ ମୋର ପଥ।

*ବାୟାବାବା ମଠ ଲେନ୍, ଭୁବନେଶ୍ୱର*

## କୁନାବାପାଙ୍କ କୁନିକଥା ୨୦

**ମା**ସର ପ୍ରଥମ ସୋମବାର ସଂଧ୍ୟାରେ ବରିଷ୍ଠ ସାହିତ୍ୟିକ ବନ୍ଧୁଙ୍କ ନିମନ୍ତ୍ରଣରେ ଭାରତୀୟ ବିଦ୍ୟାଭବନ ଅଡିଟୋରିୟମରେ ପହଞ୍ଚିଲେ କୁନାବାପା। ଏକା ନଯାଇ ଜଣେ ନାଟକପ୍ରିୟ ବନ୍ଧୁଙ୍କୁ ସାଙ୍ଗରେ ନେଇ ଯାଇଥିଲେ। ପାର୍କିଂରେ ଗାଡିରଖି ଅଡିଟୋରିୟମ୍ ଆଡକୁ ଆଗେଇବା ବେଳକୁ ଦେଖିଲେ, ଲେଖାହୋଇଛି 'ଭୁତକେଳି'। ମନରେ ଅନେକ ପ୍ରଶ୍ନ, କେଳି କହିଲେ ଶ୍ରୀକୃଷ୍ଣଙ୍କ ଲୀଳା, ହେଲେ ଭୁତର ସ୍ଥାନ କେଉଁଠି, ଇଏ ଆଉ ଭୁତ ସମ୍ବନ୍ଧିତ ନାଟକ ନୁହେଁ ତ'। ମନରେ ଉତ୍ସୁକତା ନେଇ ନିମନ୍ତ୍ରଣ ଦେଇଥିବା ବନ୍ଧୁଙ୍କୁ ଖୋଜିବୁଲିଲା ଆଖି ଦୁଇଟି। ବନ୍ଧୁଜଣକ ଆୟୋଜକ ଇନଫୋସିସର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଆୟୋଜନ ଓ ଦର୍ଶକଙ୍କ ସ୍ୱଚ୍ଛତା ସମ୍ବନ୍ଧିତ ପ୍ରଶ୍ନ ଗୁଡିକର ସନ୍ତୋଷଜନକ ଉତ୍ତର ଦେବାରେ ବ୍ୟସ୍ତ, ତେବେ କୁନାବାପା ନିଜ ପାଇଁ ଚଉକିଟିଏ ବ୍ୟବସ୍ଥା କରି, ଆସିବାକୁ ଥିବା ବନ୍ଧୁଙ୍କ ପାଇଁ ପାଖ ଚଉକିରେ ହେଲମେଟ୍ ରଖି ସ୍ଥାନ ସଂରକ୍ଷଣ କରିଲେ। ଅଳ୍ପ ସମୟ ମଧ୍ୟରେ ବନ୍ଧୁ ଜଣକ ଆସିଲେ ଓ ସଂରକ୍ଷିତ ସ୍ଥାନରେ ବସିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଆଦୌ ଔପଚାରିକତା ପରେ, ସ୍ୱାଗତ ଭାଷଣରେ ବରିଷ୍ଠ ବନ୍ଧୁ ଜଣକ ନାଟକ ଓ କଳାକାର ତଥା ବାଦ୍ୟକାରଙ୍କ ବିଷୟରେ ସମ୍ୟକ ସୂଚନା ଦେଲେ। ତା'ପରେ ଆରମ୍ଭ ହେଲା ନାଟକ, ଆରମ୍ଭରୁ ଆସିଲେ ଶିବ ପାର୍ବତୀ। ପାର୍ବତୀଙ୍କର କୃଷ୍ଣଲୀଳା ଶ୍ରବଣର ଇଚ୍ଛା ହୁଅନ୍ତେ, ମହାଦେବ ଆରମ୍ଭ କଲେ କୃଷ୍ଣଙ୍କର ଭୁତକେଳିର ରହସ୍ୟ ଉନ୍ମୋଚନ। ବ୍ରହ୍ମାଙ୍କ ପ୍ରଦତ୍ତ ମୋହନ ମୂରଲୀର ତାନରେ ରାଧାଙ୍କ ଆକର୍ଷଣ। ଚନ୍ଦ୍ରସେଣାର ଭଉଣୀ ଝାଙ୍କି ଏକ ଚରିତ୍ର, ଯାହା ହାସ୍ୟରସର ତଡକା ଥିଲା ନାଟକଟିରେ। ମୁଖ୍ୟତଃ ରାଧା କୃଷ୍ଣଙ୍କର ମାନ-ଅଭିମାନ, ବିରହ ମିଳନକୁ ନେଇ ଗୀତିନାଟ୍ୟଟି ଆଗେଇଥାଏ। ବଡ ଆଶ୍ଚର୍ଯ୍ୟର କଥା'ତ ସେଠି ହେଲା, ଯେତେବେଳେ ଜଣେ ଯୁବ ସାମ୍ବାଦିକ ବଡ ଆଶ୍ଚର୍ଯ୍ୟର ସହ ଠିଆହୋଇ ବହୁ ସମୟ ଦେଖୁଥାନ୍ତି, ମନଧ୍ୟାନ ଦେଇ। ଫଟୋ ଉଠାଇ ନିଜ କର୍ତ୍ତବ୍ୟ ସାରିବା ପରେ ଘଣ୍ଟାଟିଏ କାଳ ନାଟକଟିକୁ ଉପଭୋଗ କରୁଥାନ୍ତି। ନାଟକ ମଣ୍ଡଳୀର ମ୍ୟାନେଜରଙ୍କୁ ପଚାରିବରୁ, ସେ ତାଙ୍କର ଓ ନାଟକ ମଣ୍ଡଳୀର ବେଳୁବେଳ ହୋଇପଡୁଥିବା ଦୁର୍ବିସହ ଜୀବନ ବିଷୟରେ ବହୁ ତଥ୍ୟ ଉପସ୍ଥାପନ କଲେ। ସୁଦୂର ଆନ୍ଧ୍ରର ଶ୍ରୀକାକୁଲମରେ ବହୁ ବର୍ଷ ରହି ମଧ୍ୟ ନିଜ ଲୋକକଳାକୁ ବଞ୍ଚେଇ ରଖିବାର ପ୍ରୟାସ କେତେ କଠିନ, ତାହା ତାଙ୍କ ବର୍ଣ୍ଣନାରୁ ବାରି ହେଉଥିଲା। କିଛି ଅତି ଜରୁରୀ କାମ ପାଇଁ ଫୋନ୍ ଆସିବାରୁ କୁନାବାପା ଟିକେ ଆଗୁଆ ସିନା ଫେରି ଆସିଲେ, ହେଲେ ମନରେ ଅବଶୋଷ ରହିଗଲା। ତେବେ ଚଉଦ ଘଣ୍ଟାର ନୃତ୍ୟାଭିନୟକୁ ମାତ୍ର ଦୁଇ ଅଢ଼େଇ ଘଣ୍ଟାରେ ସୀମିତ ରଖିଲେ ମଧ୍ୟ ବଡ ଚମତ୍କାରିତା ଥିଲା ନାଟକଟିରେ। ପ୍ରକୃତରେ ସ୍ୱଚକ୍ଷୁରେ ନଦେଖିଲେ କେହି ଏ ଲୋକକଳା ଗୁଡିକର ମାଧୁର୍ଯ୍ୟ ପାଇ ପାରିବେନି।

କୁନାବାପା ଘରକୁ ଫେରିଲେ ଟିକେ ଲେଟରେ, ଆଉ ଧୁଆଧୋଇ ହେଇ ଥମକି ବସି ଭାବୁଥାନ୍ତି। କୁନାବୋଉଙ୍କ ଡାକରେ ଧ୍ୟାନ ଭଙ୍ଗହେଲା। କୁନାବୋଉଙ୍କୁ ପ୍ରଶ୍ନକଲେ, 'ରାଧାଙ୍କ ସ୍ୱାମୀ ଆଉ ନଣନ୍ଦଙ୍କ ନାଁ ଜାଣିଛ ? କୁନାବୋଉ, ଏଭଳି ଅତର୍କିତ ପ୍ରଶ୍ନବାଣରେ ଘାବରେଇଗଲେ, ଆଉ କହିଲେ, ଗୋପର ରାଧାଙ୍କ ସ୍ୱାମୀଙ୍କ ନାଇଁ ଚନ୍ଦ୍ରସେଣା ବୋଲି ଜାଣିଛି ଯେ, ନଣନ୍ଦ କଥା ଜାଣନି, ହେଲେ ଆଜି ରାଧାଙ୍କ ଶାଶୁଘର କଥା କାହିଁକି ମନକୁ ଆସିଲା ଶୁଣେ। ପୁଣି କୋଉଠି ନାଟକ ଦେଖିବାକୁ ଚାଲିଯାଇଥିଲ କି, ନା କୋଉ ଆଇଏଏସ୍ ପ୍ରଶ୍ନାବଳୀରୁ ବାହାର କରିଛ ? ସେଇଠୁ କାନାବାପା କହିଲେ, ଚାଲ ଆଗ ଖାଇନେବା, ତା'ପରେ ତୁମେ ଆଉଟିକେ ମନେ ପକେଇ କହିବ। ରାତ୍ରିଭୋଜନ ପରେ କୁନାବାପା ସଂଧ୍ୟାର ସମସ୍ତ ବୃତ୍ତାନ୍ତ କହିଲେ। କୁନାବୋଉ ଗୋଟେ ପ୍ରଶ୍ନ କଲେ ଯେ, କୁନାବାପା ତା' ଉତ୍ତର ସପ୍ତାହେ ହେଲା ଖୋଜୁଛନ୍ତି। ପ୍ରଶ୍ନଟି ହେଲା, ଓଡ଼ିଶାରୁ ବିଚ୍ଛିନ୍ନ ହୋଇଥିବା ଅଂଶ ଗୁଡିକରେ ଲୋକକଳା ବଞ୍ଚି ରହିଥିବା ବେଳେ, ତା'ର ବିକାଶ ପାଇଁ କେହି ଚିନ୍ତିତ ନୁହନ୍ତି। ମାତୃଭାଷା ଅଞ୍ଚଳ ଠାରୁ ଦୂରରେ ରହି ମଧ୍ୟ ସେମାନେ ଶହ ଶହ ବର୍ଷ ତଳର ସେ ଲୋକକଳାକୁ ବଞ୍ଚେଇ ରଖିଥିବା ବେଳେ, ଓଡ଼ିଶା ଭିତରେ ତା'ର ପ୍ରଚାର ପ୍ରସାର ପାଇଁ କେହି କାମ କରିବେ କି ? ବର୍ତ୍ତମାନ ରାଜନୀତି କେବଳ ବଡ ଇସ୍ୟୁ, ଓଡ଼ିଶାର କଳା ଐତିହ୍ୟ କେବଳ ପୁରୀ, କୋଣାର୍କରେ ସୀମିତ। ଓଡ଼ିଶାର ଗୌରବମୟ ଇତିହାସ କେବଳ ଦୟାନଦୀ ନିକଟ ଯୁଦ୍ଧରେ ସୀମିତ ରହୁଛି। ଲୋକକଳାକୁ ନେଇ ଗର୍ବ କରିବାର କେବେ କାହାକୁ ଦେଖିଛି। ଯଦି ଏଇ କଥାକୁ ନେଇ ତୁମେ ଆଗକୁ ବଢ଼ିବ, ୟାକୁ ନେଇ ରାଜନୀତି କରିବାକୁ ପୁଣି କିଏ ଜଣେ ଗାଦିଚ୍ୟୁତ ରାଜନୀତିଜ୍ଞ କହିବେ, ସେ ୟାର ପୃଷ୍ଠ ପୋଷକ। ଏଇଟା ଓଡ଼ିଶାର ଖେଳ, ଏଠି ପିସି ସାଙ୍ଗରେ ରାଜନୀତିର ଝୋଳ। କ'ର କରିବା ? ସର୍ବେ ଭବନ୍ତୁ ସୁଖୀନଃ

**- ଶାରଦା ପ୍ରସାଦ ମହାପାତ୍ର**

*ଦୂରଭାଷ : ୯୭୭୮୭୬୭୩୭୪*

## ଗଳ୍ପ ଆମ ସମୟର

# ଛାଇର ଖେଳ

ଗାୟତ୍ରୀ ଦାଶ



**ଧି**ରେ ଧିରେ ଗଛଟି ଶାଖାପ୍ରଶାଖା ମେଲାଇ ବଡରୁ ଆହୁରି ବଡ ହେଲା। ରବିବାରର ମଧ୍ୟାହ୍ନ ସମୟ। ଉପର ବାଲ୍‌କୋନୀରୁ ଦେଖିଲି - ଗେଟ୍ ସାମ୍‌ନାରେ ଯେଉଁ ଜାଗା ଟିକକ ସିମେଣ୍ଟ କରାହୋଇଛି, ଯାହା ଉପରେ ଗଛଟିର ପ୍ରଶସ୍ତ ଛାଇ ଖେଳେଇ ହୋଇପଡିଛି ସେଇଠି ଦଶ/ପନ୍ଦର ଜଣ ସ୍ତ୍ରୀ ପୁରୁଷ ସମ୍ଭବତଃ ଘର ତିଆରି କାମରେ ନିୟୋଜିତ ଶ୍ରମିକ, ଯେ ଯାହାର ଟିଫିନ୍ ଡବା ଖୋଲି ଖାଇ ବସିଛନ୍ତି। ଖୁସି ହୋଇ ଉପରୁ ପଚାରିଲି - କେଉଁଠି କାମ କରୁଛ ? - ଆଜ୍ଞା, ସେଇ ଯେଉଁ ନୂଆ ଆପାର୍ଟମେଣ୍ଟ ତିଆରି ହେଉଛି, ସେଇଠି, ଖଣ୍ଡେ ଦୂରକୁ ହାତ ଦେଖାଇଲେ ସେମାନେ। ଗଛର ବହଳପତ୍ର ଫାଙ୍କାରେ ଜାଗାଟି ଦେଖାଗଲାନି। କିନ୍ତୁ ଖୁସି ହେଲି, ଯାହାହେଉ, ଗଛଟି ଅଛି ବୋଲି ଟାଣ ଖରାରେ ଝାଳ ନିଗାଡୁଥିବା ଏଇ ଲୋକଗୁଡିକ କିଛି ସମୟ ବିଶ୍ରାମ ପାଇଁ ଛାଇ ଟିକିଏ ତ ପାଉଛନ୍ତି। ଦୁଇଘଣ୍ଟା ପରେ ଅପରାହ୍ନର ଅଳସ ଭାବକୁ ଭାଙ୍ଗୁ ଭାଙ୍ଗୁ ମୁଁ ପୁଣି ବାଲ୍‌କୋନୀକୁ ଆସି ତଳକୁ ଚାହେଁ ତ ଏ କ'ଣ ? ଗେଟ୍ ସାମ୍‌ନାରେ ଅଇଁଠା ଭାତ, ଆଳୁ, ପିଆଜ, ଛୁଇଁର ଚୋପା ସବୁ ବିଛାଡି ହୋଇପଡିଛି। ଅସନା ଜରି ତିନି/ଚାରିଟି ଉଡୁଛି ଏଠୁ ସେଠିକି। ପ୍ରଦର୍ଶନୀ ବା ମେଳା ସରିଗଲେ ତମ୍ବୁ ଓ ବାଉଁଶ ଖୁଣ୍ଟି ଉଠିଯିବା ପରେ ପଡିଆ ଯେମିତି ଦେଖାଯାଏ ଆମ ଗେଟ୍ ସାମ୍‌ନା ଠିକ୍ ସେମିତି ଆବର୍ଜନାମୟ। ସପ୍ତାହବ୍ୟାପୀ ଚାଲିଲା ସେ ପର୍ବ। ସବୁଦିନ ଖରାବେଳେ ସେ ଦଳଟି ଆସନ୍ତି। ଗଛ ଛାଇରେ ଆସର ଜମାନ୍ତି ଓ ଗଲାବେଳକୁ ଗେଟ୍ ସାମ୍‌ନା ଅପରିଷ୍କାର କରି ଛାଡିଯା'ନ୍ତି। ପତ୍ନୀଙ୍କ ଠାରୁ ଶୁଣେ ମୁଁ, ଭାବେ ଯେଉଁ ଭଦ୍ରବ୍ୟକ୍ତି ଏତେ ବଡ ଘରଟିଏ ତିଆରି କରୁଛନ୍ତି, ତାଙ୍କ କାମରେ ନିୟୋଜିତ ଲୋକମାନେ ଶହେ ହାତ ଦୂରରେ ଅନ୍ୟଜଣଙ୍କ ଘର ଆଗରେ ଏଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି, ସେ କ'ଣ ଜାଣିପାରୁନାହାନ୍ତି ନା ଜାଣି ଅଜଣା ରହୁଛନ୍ତି ? ତା'ପର ରବିବାର। ମୁଁ ବାଲ୍‌କୋନୀରେ ବସି ଅପେକ୍ଷା କରିଥାଏ। ସେମାନେ ଆସିଲେ। କିଛି ସମୟ ମୋବାଇଲ୍ ଫୋନ୍‌ରେ ବଜାଇ ସିନେମା ଗୀତର ଧୂନ୍‌କୁ ଉପଭୋଗ କଲେ। ତା'ପରେ ମଧ୍ୟାହ୍ନ ଭୋଜନ ଓ ଏଣେତେଣେ ଅଦରକାରୀ ଜିନିଷ ଫିଙ୍ଗିବା, ନିମିଷକେ ତଳକୁ ଓହ୍ଲାଇ ଗେଟ୍ ପାଖକୁ ଯାଇ କହିଲି - ଗଛର ଛାଇ ପଡିଛି ବୋଲି ଘର ଆଗଟାରେ ବସି ଖାଇଲ ତ ଠିକ୍ ଅଛି, କିନ୍ତୁ ଖାଇସାରି ଏ ଜାଗା କାହିଁକି ସଫା କରୁନ ? କାଲିଠାରୁ ଏଠାକୁ ଆସିବନି। ମୋ ପାଟିରୁ କଥା ସରିଛି କି ନାହିଁ, କୋଡିଏ / ବାଇଶ୍ ବର୍ଷର ପିଲାଟିଏ ବେଖାତିର ଭଙ୍ଗୀରେ କହିଲା- ଆଜ୍ଞା, ଆପଣ ତ ଏମିତି କହୁଛନ୍ତି, ଯେମିତି ଚୋରି କରିବାକୁ ଆମେ ପଶିଯାଇଛୁ ଆପଣଙ୍କ ଘରେ। ପୁରୁଷମାନେ ଗରଗର ହୋଇ ଓ ସ୍ତ୍ରୀ ଲୋକମାନେ ଗୁଣ୍‌ଗୁଣ୍ ହୋଇ ଉଠି ଠିଆହେଲେ। ଏ ଭିତରେ ଖାଇବା ସରିଯାଇଥିଲା ସେମାନଙ୍କର। ଗେଟ୍‌କୁ ଆଉଜି ଅପରାଧୀଟିଏ ଭଳି ଠିଆ ହୋଇଥିଲି ମୁଁ। ପ୍ରଥମଥର ପାଇଁ ମନରେ ଆସିଲା - ଗଛଟି ଲଗେଇ, ପାଣିଦେଇ, ବଞ୍ଚେଇ, ବଡକରି କ'ଣ ଭୁଲ୍ କଲି କି ? କାଟିଦେବିକି ଗଛଟିକୁ ? ପୁଣି ବୁଝେଇଲି ନିଜକୁ, ଆମ ଘରଠାରୁ ପୁରୁଣା ଏ ଗଛ !

ଉପାଖ୍ୟାନ ସରିନି ଗଛଟି ଯେତିକି ବଡ ହେଉଥିଲା ତା'ଛାଇର ପରିସୀମା ବଢ଼ି ବଢ଼ି ଯାଉଥିଲା ସେତିକି। ଅଫିସ୍ ଫେରନ୍ତା ସମୟରେ ଗଛତଳେ ଅର୍ଥାତ୍ ଆମ ଗେଟ୍ ସାମ୍ନାରେ ଏଣିକି ଦୁଇ/ତିନିଟି ସ୍କୁଟର, ମୋଟର ସାଇକେଲ ପାର୍କ ହୋଇଥିବାର ମୁଁ ଦେଖେ। ଯଦିଓ ସେତେବେଳକୁ ସୂର୍ଯ୍ୟ ପଶ୍ଚିମ ଆକାଶରେ ବୁଡି ଯାଇଥାନ୍ତି ଓ ଗଛର ଛାଇ ଅପସରିଯାଇଥାଏ ପାଖ ଆଖର କେହି ଦିନସାରା ସେଠି ଗାଡି ପାର୍କ କରୁଥିବାର ମୁଁ ଅନୁମାନ କରେ। କାରଣ ରାତି ହେଲେ ଗାଡି ଗୁଡିକ ଉଭାନ ହୋଇଯାନ୍ତି। ଥରେ ପୁରୁଣା ସ୍କୁଟରଟିଏ ତିନିଦିନ ରହିଲା। ରାତିରେ ମଧ ଉଠିଲା ନାହିଁ। ଚତୁର୍ଥଦିନ ଜଣେ ଭଦ୍ରବ୍ୟକ୍ତି ସକାଳୁ ସକାଳୁ ସ୍କୁଟରଟି ଝାଡୁଥିବାର ଦେଖି ମୁଁ ଯାଇ ପଚାରିଲି - ଆପଣ କ'ଣ ପାଖରେ କେଉଁଠି ରହୁଛନ୍ତି ? - "ହଁ ଆଜ୍ଞା। କାର୍‌ଟିଏ ଏବେ କିଣିଛି। ଏ ସ୍କୁଟରଟି ବିକିବାର ଅଛି। ଘର ମାଲିକଙ୍କ ଗ୍ୟାରେଜ୍‌ରେ ତାଙ୍କ ନିଜର ଓ ଆମ ତିନିଘର ଭଡାରେ ଯିଏ ରହୁଛୁ ସମସ୍ତଙ୍କର ଚାରିଚକିଆ, ଦୁଇଚକିଆ ମିଶି ରହିବା ପରେ ଆଉ ଜାଗା ନାହିଁ ତ'। ଆପଣଙ୍କ ଏ ଗଛ ତଳେ ଛାଇ ରହୁଛି। ସେଥିପାଇଁ ରଖିଦେଇଛି। ଗରାଖ ଜୁଟିଗଲେ ବିକିଦେବି।" ହସି ହସି ସେ କହିଲେ। ମୋର ମନେହେଲା ଠିକ୍ ଗଛଟି ପରି ମୋର ସ୍ଥିତି। ଫୁଲ, ଫଳ, ପତ୍ର, ଡାଳ ସବୁ ଅଛି। କିନ୍ତୁ କାହା ଉପରେ ଅଧିକାର ନାହିଁ। ଦଶ ବାରଦିନ ପରେ ଯେଉଁଦିନ ସ୍କୁଟରଟି ତା'ଜାଗାରେ ନଥିବା ମୁଁ ଦେଖିଲି ଖୁସି ହୋଇଥିଲି। ଏଥର ନିଜ ଗାଡିଟି ଗେଟ୍ ଖୋଲି ବାହାର କରିବା ବେଳେ ସାବଧାନତାର ସହ କଡେଇ କଡେଇ ଯିବାକୁ ପଡିବ ନାହିଁ ମତେ।

ଆଉ ଗୋଟିଏ ରବିବାର, ମାର୍କେଟ ସାରି ମଧ୍ୟାହ୍ନରେ ଘରକୁ ଫେରେ ତ' ଦେଖିଲି ଗେଟ୍ ସାମ୍ନାରେ ବଡ ଗାଡିଟିଏ। ଗାଡି ସାଇଡ୍‌ରେ ଥୁଆ ହୋଇଥାଏ ପୁଳାଏ କୋବିପତ୍ର, ମୂଳାଶାଗ ଇତ୍ୟାତି ଇତ୍ୟାଦି ଯାହାକୁ ଆମର ଜଣେ ପଡୋଶୀ ବଉଳ ଗଛ ଛାଇରେ ସମୟେ ସମୟେ ବିଶ୍ରାମ ନେଉଥିବା ବୁଲାଷଣ୍ଢ ଓ ଗାଈଗୋରୁ ଖାଇବା ପାଇଁ ନିୟମିତ ଭାବେ ଗଦେଇଥାନ୍ତି। ଗାଡି ଭିତରେ କେହି ନଥାନ୍ତି। ଭାବିଲି, ଆମ ଘରକୁ କେହି ବନ୍ଧୁ ଆସିଛନ୍ତି। ବହୁ କଷ୍ଟରେ ପାଚେରୀ କଡରେ ଘୋଷାରି ହୋଇ ଗେଟ୍ ଖୋଲି ମୋଟର ସାଇକେଲ ଭିତରକୁ ନେଲି। ଘରେ ଦେଖିଲି, ଅତିଥି କେହି ନାହାନ୍ତି। ପତ୍ନୀ କହିଲେ- ସେ ଗାଡିଟା ତ ଆଜି ନୁହେଁ, ପ୍ରାୟ ମାସେ ହେବ ବଉଳ ଗଛ ଛାଇରେ ଆସି ରହୁଛି। ଦିନ ଦଶରୁ ସଂଧ୍ୟା ଛ' ପର୍ଯ୍ୟନ୍ତ। ଯେଉଁଦିନ ସେ ଗାଡି ରହୁନି, ଅନ୍ୟ ଗାଡି ଆସି ରହିଯାଉଛି। ଦୁଇଘଣ୍ଟାପରେ ଡ୍ରାଇଭର ଆସି ଗାଡି ଭିତରେ ବସିଲା।

*(କ୍ରମଶଃ...)*

# 'ବଢୁଛି ଚାଷୀ ଆତ୍ମହତ୍ୟା'

## କେନ୍ଦ୍ର ଦେଉଛି ରାଜ୍ୟ ଖର୍ଚ୍ଚ କରୁନି



**ଭୁବନେଶ୍ୱର :** କୃଷି ଓ କୃଷକ ମାନଙ୍କ ସମସ୍ୟାକୁ ନେଇ ବିଜେଡିକୁ ଟାର୍ଗେଟ କରିଛି ଭାରତୀୟ ଜନତା ପାର୍ଟୀ । ଓଡିଶାର ସଦ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ କହୁଛି ଯେ ଓଡିଶାର ପାଖାପାଖି ୭୦ ପ୍ରତିଶତ ଲୋକ କୃଷି ଓ କୃଷି ସମ୍ପର୍କିତ କାମରେ ନିୟୋଜିତ ଥିବା ବେଳେ ସେମାନଙ୍କର ଅର୍ଥନୀତିରେ ଯୋଗଦାନ ମାତ୍ର ୧୫ ପ୍ରତିଶତ। ୧୮ ବର୍ଷ ଶାସନ ପରେ କୃଷକର ଦୁର୍ବଳ ଆର୍ଥିକ ସ୍ଥିତି ପାଇଁ କାହିଁକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତର ଦାୟିତ୍ୱ ନେଉ ନାହାନ୍ତି ତାହା ଜନ ସଂପର୍କ ଯାତ୍ରାରେ ବିଜେଡି ସ୍ପଷ୍ଟ କରୁ ବୋଲି ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ଦାବି କରିଛନ୍ତି। ରାଜ୍ୟରେ କୃଷି ଆତ୍ମହତ୍ୟାକୁ ଅସ୍ୱୀକାର କରି ବିଜେଡି ସରକାର କୃଷକ ସମାଜକୁ ତାଛଲ୍ୟ କରୁଛନ୍ତି। ଅନୁଗୁଳ ଜିଲ୍ଲା କୃଷି ଅଧିକାରୀ ସରଜମିନ ତଦନ୍ତ କରି ଋଣ ଭାର ଓ ଫସଲ ହାନୀ ଜନିତ କାରଣରୁ ଚାଷୀ ଆତ୍ମହତ୍ୟା କରିଛନ୍ତି ବୋଲି ରିପୋର୍ଟ ଦେଇଥିବା ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ଉତର ମିଛ କି, ଏହାର ଉତର ଏହି ଜନ ସମ୍ପର୍କ ଯାତ୍ରାରେ ବିଜେଡି ରଖୁ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି। ଆନ୍ଧ୍ର ଓ ମହାରାଷ୍ଟ୍ରରେ ଋଣ ଓ ଫସଲହାନୀ କାରଣରୁ ଚାଷୀ ଆତ୍ମହତ୍ୟାକୁ ସ୍ୱୀକାର କରି କ୍ଷତିପୂରଣ ବ୍ୟବସ୍ଥା କରିଥିବା ବେଳେ ନିଜ ଦୋଷକୁ ଘୋଡାଇବା ପାଇଁ ଚାଷୀ ପରିବାରଙ୍କୁ କାହିଁକି ସମସ୍ୟାକୁ ଠେଲି ଦେଉଛନ୍ତି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ରାଜ୍ୟରେ ୨୦୦୦ ମସିହା ବେଳକୁ ରାଜ୍ୟରେ ସମବାୟ ବିଭାଗର ପାଂଚ ଗୋଟି ସଚଳ ଓ ୧୨ ଗୋଟି ଅଚଳ ଶୀତଳ ଭଣ୍ଡାର ଥିଲା ଓ ଏବେ ପାଂଚ ଗୋଟି ସଚଳ ଓ ୧୩ ଗୋଟି ଶୀତଳ ଭଣ୍ଡାର ଅଚଳ ଥିବା ରାଜ୍ୟ ସରକାର ବିଧାନସଭାରେ ଦେଇଛନ୍ତି । ଦୀର୍ଘ ୧୮ ବର୍ଷ ଶାସନ ପରେ ମଧ୍ୟ କୃଷି ଉତ୍ପାଦନର ସଂରକ୍ଷଣ ବ୍ୟବସ୍ଥା ନ ହୋଇପାରିବାକୁ ଜନ ସମ୍ପର୍କ ଯାତ୍ରାରେ ସ୍ୱୀକାର କରିବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି । ବହୁଚର୍ଚ୍ଚିତ ଆଳୁ ମିଶନରେ ୨୦୧୭-୧୮ ସୁଦ୍ଧା ୧୧.୨୫ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନର ଲକ୍ଷ୍ୟ ଧ୍ୟାର୍ଯ୍ୟ କରା ଯାଇଥିଲା । ଗତ ବର୍ଷ ୨.୬୮ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ହୋଇଥିବା ବେଳେ ଶୀତଳ ଭଣ୍ଡାର ଅଭାବ କାରଣରୁ ଚାଷୀ ମାନେ ଅଭାବୀ ବିକ୍ରୀର ଶୀକାର ହୋଇଥିଲେ । କୃଷକ ଉତ୍ପାଦନକ୍ଷମ ଥିବା ବେଳେ ସରକାରଙ୍କ ସଂରକ୍ଷଣ ବ୍ୟବସ୍ଥା ତିଆରି କରିବା ବିଫଳତା ଆଳୁ ମିଶନକୁ ବିଫଳ କରିଥିବା ବିଜେଡି ଜନ ସମ୍ପର୍କ ଯାତ୍ରାରେ ସ୍ୱୀକାର କରୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ବୈଷ୍ଣବଙ୍କ ଟାର୍ଗେଟ୍‌ରେ ନବୀନ

## 'ଓଡ଼ିଆ ମାରଣ ପ୍ରକ୍ରିୟାକୁ ରୋକାଯିବ'

**ସମ୍ବଲପୁର :** ଓଡ଼ିଆ ଭାଷା ଜ୍ଞାନ ନେଇ ଦଳର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ବୈଷ୍ଣବ ପରିଡ଼ା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି। ନବୀନ ଓଡ଼ିଆ ଜାଣି ନଥିବାରୁ ତାଙ୍କର ଶାସନ କରିବାର ଅଧିକାରୀ ନାହିଁ। ତେଣୁ ସେ ଶାସନରୁ ଓହରିଯିବା ଉଚିତ ବୋଲି ଶ୍ରୀ ପରିଡ଼ା ମତ ଦେଇଛନ୍ତି। ଭାଷା ଆଇନ କାର୍ଯ୍ୟକାରୀ କରିବା ଦାବୀରେ ଶ୍ରୀ ପରିଡ଼ା ଏବେ ବିଭିନ୍ନ ଜିଲ୍ଲା ଗସ୍ତ କରୁଥିବା ପରିପ୍ରେକ୍ଷୀରେ କହିଥିଲେ ଯେ ରାଜ୍ୟ ସରକାର ୧୬ ଅଗଷ୍ଟ ୨୦୧୬ରୁ ରାଜ୍ୟରେ ଭାଷା ଆଇନ କାର୍ଯ୍ୟକାରୀ କରାଯିବ ବୋଲି ଘୋଷଣା କରିଥିଲେ। ଏହା ମଧ୍ୟରେ ବର୍ଷକରୁ ଅଧିକ ଦିନ ବିତିଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ବସୁଥିବା ସଚିବାଳୟରୁ ଆରମ୍ଭ କରି ଜିଲ୍ଲାସ୍ତରରେ କୌଣସି ଅଫିସରେ ଓଡ଼ିଆରେ ଫାଇଲ ଲେଖାଯାଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅଫିସରମାନେ ଓଡ଼ିଆରେ ଦସ୍ତଖତ କରୁନାହାନ୍ତି। ସରକାର ଶିକ୍ଷା କ୍ଷେତ୍ରରେ ମାତୃଭାଷା ଓଡ଼ିଆକୁ ମାରିଦେବାକୁ ବସିଛନ୍ତି। ରାଜ୍ୟ ସରକାରଙ୍କ ବେଖାତିର ମନୋଭାବ ଓଡ଼ିଆ ଭାଷାକୁ ମୃତ୍ୟୁମୁଖକୁ ଠେଲି ଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି। ବିଭିନ୍ନ ପ୍ରଶ୍ନର ଉତ୍ତରରେ ସେ କହିଲେ ଯେ ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଆନ୍ତି ଓଡ଼ିଆରେ ନମସ୍କାର କରିବା ପରେ ନବୀନ ଇଂରାଜୀ କିମ୍ବା ଦରଖଣ୍ଡିଆ ହିନ୍ଦୀରେ କଥାବାର୍ତ୍ତା କରନ୍ତି। ଏପରିକି ଅନ୍ୟମାନଙ୍କ ସହ ମଧ୍ୟ ଅନୁରୂପ ଭାଷାରେ କଥାବାର୍ତ୍ତା କରନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଚରଣ ତାଙ୍କୁ ବେଶ ବ୍ୟଥିତ କରିଛି ବୋଲି ସେ କହିଛନ୍ତି। ଓଡ଼ିଆ ଭାଷା ଜାଣି ନଥିବା ବ୍ୟକ୍ତି କିଭଳି ଚାରିକୋଟି ଓଡ଼ିଆ ଲୋକଙ୍କୁ ଶାସନ କରିବ, ସେମାନଙ୍କ କଥା-ବ୍ୟଥା ବୁଝିବ ବୋଲି ସେ ପ୍ରଶ୍ନ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଛାତ୍ରନେତାଙ୍କ ବଧେଇ



**କଟକ :** କଟକ ଜୋନ୍ ଉପସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଛାତ୍ରନେତା ତବ୍‌ରେଜ୍ ଖାନ୍ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ତବ୍‌ରେଜ୍ ନବୀନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ତାଙ୍କର ଆଶୀର୍ବାଦ କାମନା କରିଥିଲେ। ଦଳ ସହ ଛାତ୍ର ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଇଥିବା ସେ କହିଛନ୍ତି। ଏଥିପାଇଁ ତବ୍‌ରେଜ୍ ମୁଖ୍ୟମନ୍ତ୍ରୀଙ୍କୁ ବଧେଇ ଜଣାଇଛନ୍ତି।

# ରହସ୍ୟଘେରରେ ଗୌର ନିଶଙ୍କଙ୍କ ମୃତ୍ୟୁ : ହତ୍ୟା ସନ୍ଦେହ

ରାୟଗଡା : ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ନିକଟରେ ଗତ ୧୨.୦୮.୨୦୧୭ ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ସଦର ମହକୁମାର ଗିରିଧାରୀ ସାହିର ଗୌରଚନ୍ଦ୍ର ନିଶଙ୍କ (୫୦)ଙ୍କ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁବରଣ କରିଥିବା ଜଣାପଡିଥିଲା। ଖବରରୁ ପ୍ରକାଶ ଯେ ପଦ୍ମପୁର ଥାନାର ଗୃହରକ୍ଷୀ ରମେଶଚନ୍ଦ୍ର ବାହାକଙ୍କୁ ଓ.ଡି ୧୮ ସି ୧୪୩୪ ମୋଟର ସାଇକେଲରେ ନେଇ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜକୁ ଚିକିତ୍ସା ପାଇଁ ଯାଇଥିଲେ। ମେଡିକାଲରେ ଦେଖାଇବା ପରେ ସ୍ୱର୍ଗତ ଗୌରୀ ଚିକିଟିରେ ରହୁଥିବା ନିଜର ପତ୍ନୀ ଓ ପୁଅଙ୍କୁ ଦେଖିବା ପାଇଁ ଯାଉଥିବା ସମୟରେ ରଣ୍ଡା ନିକଟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଘଟିବା ପରେ ଗୋଳନ୍ଥରା ପୋଲିସ ମୃତଦେହ ସହ ବାଇକ୍ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ କଲେଜକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟ ୧୯.୦୮.୨୦୧୭ରେ ସ୍ୱର୍ଗତ ଗୌରୀ ନିଶଙ୍କଙ୍କ ବଡଭାଇ ତ୍ରିପତି ନିଶଙ୍କ ଗୋଳନ୍ଥରା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ମୋ ଭାଇର ଦୁର୍ଘଟଣାରେ ମୃତ୍ୟୁ ହୋଇନାହିଁ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମଧ ସେ ଅଭିଯୋଗ କରିଥିଲେ। ଏହାର ବିଧିବଦ୍ଧ ତଦନ୍ତ ପାଇଁ ପୋଲିସକୁ ନିବେଦନ କରିଥିଲେ । ପୁନଶ୍ଚ ୨୪.୦୮.୨୦୧୭ରେ ଥାନାର ଭାରପ୍ରାପ୍ତ ଅଧିକାରୀ ଆଲୋକ ଜେନାଙ୍କୁ ସାକ୍ଷାତ କରି ଘଟଣାର ପୁନଃ ତଦନ୍ତ ପାଇଁ ଅନୁରୋଧ କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ପୁନଃ ତଦନ୍ତ କରି ନ୍ୟାୟ ପ୍ରଦାନ କରାଯିବ ବୋଲି ଶ୍ରୀ ଜେନା ଦୃଢ ପ୍ରତିଶ୍ରୁତି ଦେଇଥିବା କଥା ତ୍ରିପତି ପ୍ରକାଶ କରିଛନ୍ତି। ଦୁର୍ଘଟଣା ଘଟିବା ଦିନ ଏହା ଯେଉଁଠାରେ ଘଟିଲା ସେଦିନ ଗୌରଚନ୍ଦ୍ର ଓ ରମେଶ ବାହାକଙ୍କ ନିକଟକୁ କେଉଁମାନଙ୍କ ଫୋନ କଲ୍ ଆସିଥିଲା ଏବଂ କେଉଁ ମାନଙ୍କୁ ଏମାନେ ଫୋନ କରିଥିଲେ ତାହାର ତଦନ୍ତ କଲେ ସମ୍ପୂର୍ଣ୍ଣ ଘଟଣାଟି ଲୋକଲୋଚନକୁ ଆସିପାରବ ବୋଲି ସେ କହିଛନ୍ତି। ହେଲେ ରାଜନୈତିକ ଛକା ପଞ୍ଝା ମଧରେ ସୁପରିକଳ୍ପିତ ଯୋଜନା ଦ୍ୱାରା ଗୌରଙ୍କୁ ହତ୍ୟା କରାଯାଇଥିବା କହିଛନ୍ତି ତ୍ରିପତି। ସୂଚନାଯୋଗ୍ୟ, ଦୁର୍ଘଟଣା ଦିନ ଗୌର ମୋଟରସାଇକେଲରେ କାଙ୍କଡ ଓ ଛତୁ ନେଇ ଯାଇଥିଲେ। କିନ୍ତୁ ଦୁର୍ଘଟଣା ସ୍ଥଳରେ ଗୋଟିଏ ହେଲେ କାଙ୍କଡ କିମ୍ବା ଛତୁ ପଡି ନଥିବା ତ୍ରିପତି କହିବା ସହ ତାଙ୍କ ଭାଇଙ୍କ ମୁଣ୍ଡରୁ ଦହି ବାହାରି ଘଟଣା ସ୍ଥଳରେ ପଡି ନଥିବା ଜଣାଇଛନ୍ତି। ଏବେ ତ୍ରିପତି ସମ୍ପୂର୍ଣ୍ଣ ରୂପେ ପୋଲିସ ଉପରେ ଭରସା କରିବା ସହିତ ବିଶେଷ କରି ପୋଲିସ ଅଧିକାରୀ ଶ୍ରୀ ଜେନାଙ୍କ ନିକଟରୁ ଉପଯୁକ୍ତ ନ୍ୟାୟ ପାଇବା ଅପେକ୍ଷାରେ ଅଛନ୍ତି।



# ଠିକ୍ ସମୟରେ ଅଫିସ୍ ନ ଆସିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କିଛି କର୍ମଚାରୀ ଠିକଣା ସମୟରେ ଅଫିସ ଆସୁ ନଥିବାରୁ ଏଥିନେଇ ବିଭାଗୀୟ ସଚିବ କ୍ଷୋଭ ପ୍ରକାଶ କରିଛନ୍ତି। ଯେଉଁ କର୍ମଚାରୀମାନେ ଠିକ୍ ସମୟରେ ଅଫିସ ଆସୁନାହାନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଚିବ ସତର୍କ କରାଇ ଦେଇଛନ୍ତି। ସଚିବଙ୍କ ତାଗିଦ୍ ପରେ କର୍ମଚାରୀମହଲରେ ଛାନିଆଁ ପଶିଛି। ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ପ୍ରଦୀପ କୁମାର ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ବିଭାଗର କିଛି କର୍ମଚାରୀ ଅଫିସ କାର୍ଯ୍ୟରେ ଠିକ ସମୟରେ ଯୋଗଦେଉ ନଥିବା ତାଙ୍କ ନଜରକୁ ଆସିଛି। ଏପରିକି ପୂର୍ବାହ୍ନ ୧୧ଟା ସୁଦ୍ଧା ବିଭାଗର ବିଭିନ୍ନ ଉପବିଭାଗର କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେଉ ନ ଥିବାରୁ ସଚିବ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବାହ୍ନ ୧୦ଟା ୩୦ ସୁଦ୍ଧା ସମସ୍ତ କର୍ମଚାରୀ ଅଫିସ କାର୍ଯ୍ୟରେ ଯୋଗଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କର୍ମଚାରୀମାନେ ଅଫିସରେ କାର୍ଯ୍ୟକାରୀ ହୋଇଥିବା ବାଇଓମାଟ୍ରିକ୍ସ ଜରିଆରେ ଉପସ୍ଥାନକୁ ନିଶ୍ଚିତ କରିବାକୁ କୁହାଯାଇଛି। ଏଥିରେ କୌଣସି ବ୍ୟତିକ୍ରମ ଲକ୍ଷ୍ୟ କରାଗଲେ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରିଦିଆଯାଇଛି। ଅଫିସ ଉପସ୍ଥାନ ନିୟମ କଡ଼ାକଡ଼ି କରାଯିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗର କାର୍ଯ୍ୟଭାର ଗ୍ରହଣ କରିବା ପରେ ବିଭାଗୀୟ କର୍ମଚାରୀଙ୍କ ଏକ ବୈଠକରେ ଅଧ୍ୟକ୍ଷତା କରି ବିଭିନ୍ନ ବିଭାଗ ଓ ଉପବିଭାଗରେ ପଡ଼ିରହିଥିବା ଫାଇଲ କାର୍ଯ୍ୟ ତୁରନ୍ତ ଫଇସଲା କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପଡ଼ିରହିଥିବା କାର୍ଯ୍ୟର ସମାଧାନ ନିମନ୍ତେ ପ୍ରତି ପନ୍ଦର ଦିନରେ ଥରେ ବୈଠକ ବସିବ। ବିଭିନ୍ନ ନିର୍ଦ୍ଦେଶାଳୟ ସ୍ତରରେ ଖାଲିପଡ଼ିଥିବା ସିଟ ପୂରଣ ଦିଗରେ ପଦକ୍ଷେପ ନେବା, କୋର୍ଟରେ ଚାଲିଥିବା ମାମଲା ଓ କୋର୍ଟଙ୍କ ଅନ୍ତରୀଣ ଆଦେଶ କାର୍ଯ୍ୟକାରୀ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଭାଗକୁ ଶିକ୍ଷକଙ୍କ ଅବାଧ ପ୍ରବେଶ ଉପରେ କଟକଣା ଜାରି କରିବା ପାଇଁ ଆବଶ୍ୟକ ନୀତି ଅନୁସରଣ କରିବା ନିମନ୍ତେ ନିର୍ଦ୍ଦେଶକଙ୍କଠାରୁ ପ୍ରସ୍ତାବ ଲୋଡ଼ିଥିଲେ। ଏ ସମ୍ପର୍କରେ ବିଭାଗ ପକ୍ଷରୁ ପୃଥକ ନିର୍ଦ୍ଦେଶ ଜାରି କରାଯିବାକୁ ସ୍ଥିର ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର କାର୍ଯ୍ୟ ପରିଚାଳନା ନିମନ୍ତେ ଆବଶ୍ୟକ ଯୋଗାଇଦେବାକୁ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖାଯାଇଛି। ଉକ୍ତ ନିର୍ଦ୍ଦେଶାଳୟ ପାଇଁ ୪-୫ଟି ରୁମ ଯୋଗାଇଦେବାକୁ ଏସଆରସିଙ୍କୁ ଅନୁରୋଧ କରାଯାଇଛି। ପଞ୍ଚମ ଶ୍ରେଣୀ ପିଲାଙ୍କୁ ପଠନ ଓ ଲିଖନ ଉପକରଣ ପ୍ରଦାନ, ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବ୍ୟାଗ କ୍ରୟ, ସରକାରୀ ବିଦ୍ୟାଳୟର ଏପିଏଲ ଛାତ୍ର ଏବଂ ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଣ ବ୍ୟବସ୍ଥା ନେଇ ଓପେପାରେ ଦେଖାଦେଇଥିବା ସମସ୍ୟାର ପ୍ରତିକାର ବ୍ୟବସ୍ଥା ପାଇଁ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟଗୁଡ଼ିକୁ ନୋ ଅବଜେକ୍ସନ ପ୍ରମାଣପତ୍ର ପ୍ରଦାନ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ ଡାକିବା ପାଇଁ ପ୍ରସ୍ତାବ ଦାଖଲ ନିମନ୍ତେ ନିର୍ଦ୍ଦେଶକଙ୍କୁ ଅନୁରୋଧ କରାଯାଇଛି।

# 'ବିଶ୍ୱର ସବୁଠୁ ବଡ଼ ଉର୍ଜା ବଜାର ହେବ ଭାରତ'

**ଭୁବନେଶ୍ୱର :** ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱର ସବୁଠୁ ବଡ଼ ଉର୍ଜା ବଜାର ହେବ ବୋଲି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀ ଠାରେ ଆୟୋଜିତ ସେରା ସପ୍ତାହ ଅବସରରେ ବିଶ୍ୱ ଓ ଭାରତର ତୈଳ ଓ ଗ୍ୟାସ୍ ଉର୍ଜା କ୍ଷେତ୍ରର ଉପଭୋକ୍ତା କ୍ଷେତ୍ରର ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ଭାରତରେ ବଢୁଥିବା ଜୀବନ ମାନର ସ୍ତର ମୁଣ୍ଡ ପିଛା ଉର୍ଜା ଆବଶ୍ୟକତାରେ ବୃଦ୍ଧି ଘଟାଇବ । ଏହା ବିଶ୍ୱ ବଜାରରୁ ଉର୍ଜା କ୍ରୟ କ୍ଷେତ୍ରରେ ଭାରତ ସବୁଠାରୁ ବଡ଼ ଶକ୍ତିଶାଳୀ କ୍ରେତା ହେବ । ଭାରତର ଉର୍ଜା ଆମଦାନୀ ତୈଳରେ ୮୦ ପ୍ରତିଶତ ଓ ଗ୍ୟାସରେ ୫୦ ପ୍ରତିଶତ ହୋଇଥିବା କାରଣରୁ ବିଶ୍ୱରେ ତୈଳ ଓ ଗ୍ୟାସ ଉର୍ଜାର ଉତ୍ପାଦକ ମାନଙ୍କର ବଜାର ଉପରେ ତୀକ୍ଷ୍ଣ ନଜର ରଖିବା ଅତ୍ୟନ୍ତ ଆବଶ୍ୟକ। ଶ୍ରୀ ପ୍ରଧାନ କହିଛନ୍ତି ଯେ ନୂଆ ଦିଲ୍ଲୀରେ ଆମେରିକାର ହ୍ୟୁଷ୍ଟନ ସହର ଛାଡ଼ି ପ୍ରଥମ ଥର ଭାରତରେ ଅନୁଷ୍ଠିତ ହେଉଥିବା ଏହି ବିଶ୍ୱ ସ୍ତରୀୟ ସମ୍ମିଳନୀ ଓପେକ, ଋଷ, ଆମେରିକାର ତୈଳ ବଜାରର ଖବର ଭାରତ ପାଖରେ ଦୈନନ୍ଦିନ ଭାବରେ ପହଞ୍ଚିବାର ପଥକୁ ସୁଗମ କରିବ। ଭାରତ ସରକାରଙ୍କର ପ୍ରଗତିଶୀଳ ନୀତି କାରଣରୁ ସମଗ୍ର ବିଶ୍ୱରେ କାମ କରୁଥିବା ଉର୍ଜା କ୍ଷେତ୍ରରେ ପୁଞ୍ଜିନିବେଶକାରୀମାନେ ଭାରତରେ ଅନୁସନ୍ଧାନ ଓ ଉତ୍ପାଦନରେ ପୁଞ୍ଜିନିବେଶ ଓ ଭାଗୀଦାର ହେବାର ଅଧିକ ସମ୍ଭାବନାର ସୁଯୋଗ ଏହି ଦୁଇ ଦିନିଆ ସମ୍ମିଳନୀ ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।




# ନିର୍ମାଣଧୀନ କାର୍ଯ୍ୟ ନିୟମିତ ଯାଞ୍ଚ ହେବ

**ଭୁବନେଶ୍ୱର :** ପୂର୍ତ୍ତ ଓ ଗୃହନିର୍ମାଣ, ଜାତୀୟ ରାଜପଥ ଅଧୀନରେ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ନିୟମିତ ପର୍ଯ୍ୟବେକ୍ଷଣ କରାଯିବ। ମୁଖ୍ୟଯନ୍ତ୍ରୀମାନଙ୍କୁ ନେଇ ଗଠିତ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ପ୍ରକଳ୍ପଗୁଡ଼ିକର ଅନୁଧ୍ୟାନ କରିବେ ଏବଂ ଏ ସଂକ୍ରାନ୍ତରେ ସରକାରଙ୍କୁ ପ୍ରତି ସପ୍ତାହରେ ରିପୋର୍ଟ ଦେବେ। ପୂର୍ତ୍ତ ବିଭାଗ ସଚିବ ସର୍ବୋଚ୍ଚ ଯନ୍ତ୍ରୀ ତଥା ସଚିବ ନଳିନୀକାନ୍ତ ପ୍ରଧାନ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ସମୟରେ ଠିକାଦାରମାନଙ୍କର ଅମନଯୋଗିତା ଓ ନିର୍ମାଣଜନିତ ତ୍ରୁଟି ଦୃଷ୍ଟିକୁ ଆସିବା ପରେ ସରକାର କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ମୁଖ୍ୟଯନ୍ତ୍ରୀମାନେ ନିୟମିତ ବ୍ୟବଧାନରେ ନିର୍ମାଣାଧୀନ ପ୍ରକଳ୍ପକୁ ଯାଞ୍ଚ କରିବେ। ପ୍ରକଳ୍ପ ଦାୟିତ୍ୱରେ ଥିବା ଅଧୀକ୍ଷଣ ଯନ୍ତ୍ରୀମାନେ ଏ କ୍ଷେତ୍ରରେ ସହାୟତା କରିବେ। ବିଭିନ୍ନ ନିର୍ମାଣ କାର୍ଯ୍ୟର ମାନ ଓ ସୁରକ୍ଷାକୁ ଯାଞ୍ଚ କରାଯିବ ଏବଂ ଏହି ସମୟରେ ସମ୍ପୃକ୍ତ ଅଞ୍ଚଳର ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ରହି ଏ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ, ଗୁଣମାନ ସଂକ୍ରାନ୍ତ ତଥ୍ୟ ପ୍ରଦାନ କରିବେ। କୌଣସି ପ୍ରକଳ୍ପ ସମ୍ପର୍କରେ ଟାସ୍କ ଫୋର୍ସ ଯଦି ପ୍ରତିକୂଳ ମନ୍ତବ୍ୟ ଦିଅନ୍ତି ତେବେ ତାହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରାଯିବ ବୋଲି ସଚିବ ସତର୍କ କରାଇ ଦେଇଛନ୍ତି। ଅନ୍ୟପକ୍ଷରେ ସୁରଜ ଏଣ୍ଟରପ୍ରାଇଜେସ୍ ନାମକ ଏକ ସ୍ୱତନ୍ତ୍ରଶ୍ରେଣୀ ଠିକାଦାରଙ୍କୁ କଳାତାଲିକାଭୁକ୍ତ କରିଛନ୍ତି ସରକାର। ସମ୍ପୃକ୍ତ ଠିକା ସଂସ୍ଥା ଦାଖଲ କରିଥିବା କାଗଜପତ୍ରରେ ଜାଲିଆତି କରିଥିବା ଯୋଗୁଁ ଏହି ସଂସ୍ଥାକୁ କଳାତାଲିକାଭୁକ୍ତ କରାଯାଇଥିବା ସୂଚନା ମିଳିଛି। ଏହା ସହିତ ଜାଲିଆତି କରିଥିବା ଯୋଗୁଁ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇପାରେ ବୋଲି ମଧ ପୂର୍ତ୍ତ ବିଭାଗ ସୁପାରିସ କରିଛି।

# କାମରେ ଆସୁନି ଜଳ ଅମଳ ପ୍ରକଳ୍ପ

## ପାଣିରେ ପଡ଼ିଲା ୧୦ ଲକ୍ଷ ଟଙ୍କା

**ତିର୍ତ୍ତୋଲ :** ଜନସାଧାରଣଙ୍କୁ ପାନୀୟ ଜଳ ଯୋଗେଇ ଦେବାପାଇଁ ସରକାର ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା । କେତେଜଣ ଅସାଧୁ କର୍ମଚାରୀଙ୍କ ପାଇଁ ସାଧାରଣ ଲୋକେ ଏହି ନିମ୍ନତମ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର କା ମାଲ ଦରିଆମେ ଡ଼ାଲ ନ୍ୟାୟରେ ସରକାରୀ ଅର୍ଥ ପାଣିରେ ପଡୁଛି। ଏହାର ଏକ ନିଛକ ପ୍ରତିଛବି ଦେଖିବାକୁ ମିଳିଛି ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଳର ପଞ୍ଚାୟତର ତିରୋତଲଠାରେ। ତିନି ବର୍ଷ ତଳେ ୧୦ଲକ୍ଷ ଟଙ୍କା ବିନିମୟରେ ଜଳ ଅମଳ ପ୍ରକଳ୍ପଟି ନିର୍ମାଣ କରାଯାଇଥିଲେ ମଧ ଅଦ୍ୟାବଧି ଏହା ଲୋକଙ୍କ ସେବାରେ ଲାଗିପାରି ନାହିଁ। ତାରୋତଲଠାରେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଜଳଅମଳ ପ୍ରକଳ୍ପର ବୋରିଂ କାର୍ଯ୍ୟ ସମାପନ ତିନିବର୍ଷତଳୁ ହୋଇସାରିଛି। ଏହି ପ୍ରକଳ୍ପଟି କାର୍ଯକ୍ଷମ ହେଲେ ପଞ୍ଚାୟତର ଓଳଗଦା, ତାରୋତଲ ଓ ଧନୁଆ ପ୍ରଭୃତି ଗ୍ରାମର ୫ ହଜାରରୁ ଉର୍ଦ୍ଧ ଲୋକ ପାନୀୟ ଜଳ ପାଇପାରିବେ। ପାଇପ ବିଛାଯାଇନଥିବାରୁ ଏହି ପ୍ରକଳ୍ପରୁ ଉପରୋକ୍ତ ଗ୍ରାମବାସୀମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟାକୁ ନେଇ କୋଳର ପଞ୍ଚାୟତ ସମିତିସଭ୍ୟ ରଞ୍ଜିତ ପାଲ ଜଗତସିଂହପୁର ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କାର୍ଯ୍ୟକାରି ହେବା ବଦଳରେ ମିଳିଛି ଖାଲି ପ୍ରତିଶ୍ରୁତି। ଏହି ସମ୍ପର୍କରେ ତିର୍ତ୍ତୋଲ ଗ୍ରାମୀଣ ଜଳଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସେ ଅବଶିଷ୍ଟ କାର୍ଯ୍ୟପାଇଁ ଟେଣ୍ଡର ହୋଇନଥିବାବେଳେ ଖୁବ୍‌ଶୀଘ୍ର ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ।



**ମଣିଷ ଜୀବନ ସହ ବୁଲିବା ଯୋଡି ହୋଇ ରହିଛି। କୁହାଯାଏ ଯେ ମଣିଷ ସଭ୍ୟତା ସୃଷ୍ଟି ହେବା ଦିନଠାରୁ ଭ୍ରମଣ ସହ ଯୋଡି ହୋଇରହିଛି ମଣିଷ। ତାହା ନିଜ ପାଇଁ ବାସସ୍ଥାନ ଖୋଜିବା ପାଇଁ ହେଉ କିମ୍ବା ନୂଆ ନୂଆ ସ୍ଥାନ ଅନୁସନ୍ଧାନରେ। ତେଣୁ ମଣିଷର ଏକ ସହଜାତ ପ୍ରକୃତି ବା ପ୍ରବୃତ୍ତି ଭ୍ରମଣ କରିବା ବୋଲି ଧରାଯାଏ।**

# ଆସ ବୁଲିଯିବା ଗୋଆ

ଉପସ୍ଥାପନା
ଜାହ୍ନବୀସୁତ



ଗୋଆ ହେଉଛି ପଶ୍ଚିମ ଭାରତର ଏକ ବିକଶିତ ରାଜ୍ୟ। ପର୍ଯ୍ୟଟନ ଏହି ରାଜ୍ୟର ଏକ ପ୍ରମୁଖ ଶିଳ୍ପ। ଗୋଆରେ ଏକ ମିଶ୍ର ସାଂସ୍କୃତିକ ରୂପ ମଧ୍ୟ ଆପଣମାନେ ଦେଖିବାକୁ ପାଇବେ। ପର୍ତ୍ତୁଗୀଜ ଔପନିବେଶବାଦ ଅଧିନରେ ଗୋଆ ଅନେକ ଦିନ ଧରି ଶାସିତ ହୋଇଥିବାରୁ ଏଭଳି ମିଶ୍ରିତ ସଂସ୍କୃତି ଦେଖିବାକୁ ମିଳିଥାଏ। ଏହି ରାଜ୍ୟର ରାଜଧାନୀ ହେଉଛି ପଂଜିମ୍ ବା କେହି କେହି ଏହାକୁ ପାଣାଜୀ ମଧ୍ୟ କହିଥାନ୍ତି। ପଂଜିମ୍ ଏକ ସମୃଦ୍ଧ ସହ। ପ୍ରାୟ ୪୫୦ ବର୍ଷ ଧରି ଗୋଆ ପର୍ତ୍ତୁଗୀଜ ମାନଙ୍କ ଶାସନାଧିନ ରହିବା ପରେ ୧୯୬୧ ମସିହାରେ ଏହା ଭାରତୀୟ ଗଣତନ୍ତ୍ରରେ ସାମିଲ ହୋଇଥିଲା। ତେଣୁ ଗୋଆର ବିଭିନ୍ନ ସ୍ଥାନ ଆପଣମାନେ ବୁଲିବା ଭିତରେ ଅନେକ ପର୍ତ୍ତୁଗୀଜ ସ୍ଥାପତ୍ୟ ଆପଣମାନେ ଦେଖିବାକୁ ପାଇବେ। ଗେଆର କଥିତ ଭାଷା ହେଉଛି କୋଙ୍କଣୀ। ଅବଶ୍ୟ ଗୋଆର ଅଧିବାସୀମାନେ ଭଲ ଭାବରେ ହିନ୍ଦି ଏବଂ ଇଂରାଜୀ ଭାଷା ମଧ୍ୟ କହିପାରନ୍ତି।



ସେହିପରି ଖାଦ୍ୟ ସମ୍ଭାରରେ ମଧ୍ୟ ଗୋଆ ଖୁବ୍ ସମୃଦ୍ଧ। ଆପଣମାନେ ଏଠାରେ ଆମିଷ ଓ ନିରାମିଷ ଖାଦ୍ୟ ମଧ୍ୟ ପାଇପାରିବେ। କିନ୍ତୁ ଗୋଆର ସି-ଫୁଡ୍ ଖୁବ୍ ଆକର୍ଷକ। ତେଣୁ ଯେଉଁମାନେ ଆମୀଷ ପ୍ରେମୀ ପର୍ଯ୍ୟଟକ ସେମାନେ ଗୋଆରେ ବିଭିନ୍ନ ସାମୁଦ୍ରିକ ମାଛରେ ପ୍ରସ୍ତୁତ ଖାଦ୍ୟ ଖାଇପାରିବେ। ଆପଣମାନେ ନିହାତି ଭାବୁଥିବେ ଯେ ଗୋଆର ପର୍ଯ୍ୟଟନ ସ୍ଥଳୀ ବିଷୟରେ ମୁଁ ଆପଣମାନଙ୍କୁ ସୂଚନା ନ ଦେଇ ଗୋଆ ସମ୍ପର୍କରେ ଏଭଳି ସୂଚନା କାହିଁକି ଦେଉଛି ମୋର ଅନୁଭୂତି ଯାହା କହୁଛି ଯେ ଯେତେବେଳେ ଆପରମାନେ ଯେ କୌଣସି ପର୍ଯ୍ୟଟନ ସ୍ଥଳୀକୁ ବୁଲିବାକୁ ଯିବେ ସେତେବେଳେ ଆପଣମାନେ ସେହି ସ୍ଥାନର ସଂସ୍କୃତି, ପରମ୍ପରା, ଭାଷା, ଖାଦ୍ୟପେୟ, ରାଜନୈତିକ, ଅର୍ଥନୈତିକ ତଥା ଭୌଗଳିକ ଅବସ୍ଥିତି ସମ୍ପର୍କରେ ସମ୍ୟକ ଜ୍ଞାନ ରହିବା ଆବଶ୍ୟକ ଯାହା ଆପଣଙ୍କୁ କେଉଁଠି ନା କେଉଁଠି ସାହାଯ୍ୟ କରିପାରେ। ତେବେ ଗୋଆର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ସୂଚନା ଦେବା ପୂର୍ବରୁ ମୁଁ ଆପଣ ମାନଙ୍କୁ ଏଉଁକି ସୂଚନା ଦେବି କି ଗୋଆ ସବୁପ୍ରକାରର ପର୍ଯ୍ୟଟକ ମାନଙ୍କ ପାଇଁ ଏକ ଭଲ ଡେଷ୍ଟିନେସନ୍

ସାଧାରଣତଃ ଅନେକଙ୍କ ମନରେ ଧାରଣା ଥାଏ ଯେ, ଗୋଆ କେବଳ ବିଚ୍ ଟୁରିଜିମ୍ ପାଇଁ ପ୍ରସିଦ୍ଧ। କିନ୍ତୁ ଆପଣ ଗୋଆରେ ପର୍ଯ୍ୟଟନର ବହୁବିଧ ରୂପ ଦେଖିବାକୁ ପାଇବେ। ତେବେ ପ୍ରଥମେ ଆସନ୍ତୁ ଆମେ ଆରମ୍ଭ କରିବା ଆମର ଯାତ୍ରା ଗୋଆର ବିଭିନ୍ନ ମନ୍ଦିରୁ।

ଗୋଆ ହେଉଛି ବିଚ୍ ଟୁରିଜିମ୍ ପାଇଁ ପ୍ରସିଦ୍ଧ। ଗୋଆକୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସନ୍ତି ତେଣୁ ବୋଧହୁଏ ଗୋଆର ବିଚ୍ ଟୁରୁଜିମ୍ ବେଶି ଚର୍ଚ୍ଚାରେ ରହିଥାଏ। ସେହିପରି ଗୋଆର ଲକ୍ଷ୍ମୀ ନୃସିଂହ ମନ୍ଦିର ବା କେହି କେହି ଏହାକୁ ଅନନ୍ତ ନୃସିଂହ ମନ୍ଦିର ବୋଲି କହିଥାନ୍ତି। ଏହି ମନ୍ଦିରଟି ଗୋଆରୁ ପ୍ରାୟ ୪୫ କିଲୋମିଟର ଗଲାପରେ ପଡିଥାଏ। ମନ୍ଦିରଟି ଭେଲିଙ୍ଗ୍ ନାମକ ଗ୍ରାମରେ ଅବସ୍ଥିତ। ଏହି ମନ୍ଦିରଟି ଗୋଆର ଅନ୍ୟ ମନ୍ଦିରଠାରୁ ଅନେକ ବିଶେଷତ୍ୱ ରହିଛି। ବିଶେଷ କରି ମନ୍ଦିରର ସ୍ଥାପତ୍ୟରେ କାଠ କାରିଗରୀର ନିଖୁଣ କଳା କାରିଗରୀ ବହୁତ ଆଶ୍ଚର୍ଯ୍ୟଜନକ। କାଠରେ ବିଭିନ୍ନ କଳାକାରୁକାର୍ଯ୍ୟ କରିବା ସହିତ ସେଥିରେ ବିଭିନ୍ନ ଧାତୁ ଖଞ୍ଜା ଯାଇ ବିଭିନ୍ନ ରଙ୍ଗ ଦିଆଯାଇଛି। ଯାହାକି ଅଷ୍ଟାଦଶ ଶତାବ୍ଦୀର ଗୋଆ କଳାକାରୀଗରୀର ନିପୁଣତାକୁ ବଖାଣିଥାଏ। ବର୍ତ୍ତମାନର ମନ୍ଦିର ୧୯୨୩ ମସିହା ବେଳକୁ ନିର୍ମାଣ ହୋଇଥିବା କୁହାଯାଉଥିବା ବେଳେ ଏହି କାଠ କାରୀଗରୀ କାମ କିନ୍ତୁ ଖୁବ୍ ପୁରୁଣା ଭଳି ଲାଗୁଥିଲା। ଏହି କଳାକାରୀଗରୀ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଦେବୀପୀଠ ବାଙ୍କୀର ମା' ଚର୍ଚ୍ଚିକାଙ୍କ ମନ୍ଦିର କଥା ମା'ଙ୍କ ମନ୍ଦିରର ନାଟ ମଣ୍ଡପରେ ମଧ୍ୟ କାଠକାରୀଗରୀ ସୁନ୍ଦର ଝଲକ ଦେଖିବାକୁ ମିଳେ। ତେବେ ଗୋଆର ଏହି ମନ୍ଦିରର କାଠ କାରୀଗରୀ ସତରେ ଗୋଆ କଳାକାରୁକାର୍ଯ୍ୟର ଏକ





ନିଆରା ଉଦାହରଣ। ତେବେ ଏହି ମନ୍ଦିରର ନିର୍ମାଣ ପ୍ରଥମେ ଦକ୍ଷିଣ ଗୋଆରେ ଅବସ୍ଥିତ ଥିଲା। ପର୍ତ୍ତୁଗୀଜମାନଙ୍କ ଶାସନ ସମୟରେ ଏହି ମନ୍ଦିର ଉତ୍ତର ଗୋଆକୁ ସ୍ଥାନାନ୍ତରଣ ହୋଇଥିଲା। ପ୍ରାୟ ୧୫୭ ମସିହା ବେଳକୁ ଏହି ସ୍ଥାନାନ୍ତରଣ ହୋଇଥିଲା। ଏହି ମନ୍ଦିରର ଅଧିଷ୍ଠିତ ଦେବତା ହେଉଛନ୍ତି ନୃସିଂହ ଭଗବାନ ଯିଏ ହେଉଛନ୍ତି ମହାବିଷ୍ଣୁଙ୍କର ଚତୁର୍ଥ ଅବତାର। ଏହି ମନ୍ଦିରରେ ଥିବା ମୂର୍ତ୍ତୀରେ ବିଷ୍ଣୁ ଅନନ୍ତଶୟନ ମୁଦ୍ରାରେ ଥିବା ଦେଖିବାକୁ ମିଳେ। ଏଠାରେ ଅନନ୍ତଙ୍କୁ ମଧ୍ୟ ଉପାସନା କରାଯାଏ। ଅନନ୍ତ ହେଉଛନ୍ତି ଶେଷ ନାଗ ଯାହାଙ୍କ ଉପରେ ମହାବିଷ୍ଣୁ ବିଶ୍ରାମ ନେଇଥିଲେ। ତତ୍‌ସହିତ ଧନଦାୟିନୀ ମା'ମହାଲକ୍ଷ୍ମୀ ମଧ୍ୟ ଏଠାରେ ଉପସ୍ଥିତ ଅଛନ୍ତି। ଅଧିଷ୍ଠିତ ଦେବାଦେବୀ ଗୁଡିକ ବହୁ ପ୍ରାଚୀନ ଓ ପାର୍ତ୍ତୁଗୀଜମାନଙ୍କ ଶାସନ ସମୟରେ ହିନ୍ଦୁ ଦେବାଦେବୀ ଓ ସେମାନଙ୍କର ମନ୍ଦିର ଗୁଡିକୁ ରକ୍ଷା କରିବା ପାଇଁ ଗୋଆର ଅଧିବାସୀମାନେ ଖୁବ୍ ସଂଘର୍ଷ କରିଥିଲେ। ଏହି ମନ୍ଦିର ସକାଳ ୯ଟା ୩୦ ମିନିଟ୍‌ରୁ ମଧ୍ୟାହ୍ନ ୧ଟା ୩୦ ଏବଂ ଅପରାହ୍ନ ୪ଟା ୩୦ ମିନିଟ୍‌ରୁ ସଂଧ୍ୟା ୭ଟା ୩୦ ମିନିଟ୍ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଖୋଲା ରହିଥାଏ। ଏହି ମନ୍ଦିର ବାହାରେ ଏକ ସୁନ୍ଦର ଜଳାଶୟ ମଧ୍ୟ ରହିଛି। ଏହି ମନ୍ଦିରରେ ଲକ୍ଷ୍ମୀ ନୃସିଂହଙ୍କ ଯୁଗଳ ମୂର୍ତ୍ତୀ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏକ ସ୍ୱତନ୍ତ୍ର ପାଲିଙ୍କିରେ ବିରାଜମାନ କରି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏହି ମନ୍ଦିରରେ ଶ୍ରୀରାମ ନବମୀ ଏବଂ ନବରାତ୍ରୀ ମଧ୍ୟ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଥାଏ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଥାଲାସେମିଆ ...

ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଲେ ଯେ, ରାଜ୍ୟ ସରକାର ରକ୍ତ ସଂଗ୍ରହ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିଛନ୍ତି। ଜୀବନବିନ୍ଦୁ କାର୍ଯ୍ୟକ୍ରମ ସବୁଠାରୁ ଆଗରେ ରହିଛି। ରାଜ୍ୟରେ ୪ଲକ୍ଷ ୨୦ହଜାର ରକ୍ତ ସଂଗ୍ରହ କରାଯାଇଛି। ରକ୍ତଦାତାଙ୍କ ପାଇଁ ଖର୍ଚ୍ଚ ହେଉଥିବା ୨୫ଟଙ୍କାକୁ ୬୦ଟଙ୍କା ବୃଦ୍ଧି କରାଯାଇଛି ବୋଲି ଶ୍ରୀ ଜେନା କହିଛନ୍ତି। ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ବିଜୟ ମହାନ୍ତି, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଡାକ୍ତର ପ୍ରମୋଦ ମୋହେର୍ଦ୍ଦା, ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦର ଡାକ୍ତର ଜ୍ଞାନବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ବିଧାୟକ ଦେବାଶିଷ ସାମନ୍ତରାୟ, ଆମ ଓଡ଼ିଶା ଅଧ୍ୟକ୍ଷ ତଥା 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ୨୭ଟି ସଂଗଠନକୁ ସମ୍ମାନିତ କରାଯାଇଥିଲା।

### ଚିହ୍ନିକି ...

ବୋହୂ ଓ ପତ୍ନୀଙ୍କ ପରିଚାଳନାରେ ଥିବା ଟେମ୍ପଲ ଏଣ୍ଟରପ୍ରାଇଜର୍ସର ଆର୍ଥିକ ଅବସ୍ଥାରେ ଦ୍ରୁତ ଅଭିବୃଦ୍ଧି ଘଟିଛି। ଏହା କେବଳ ମୋଦି ଓ ଶାହାଙ୍କ ଆଶୀର୍ବାଦରୁ ହୋଇଛି ବୋଲି ପ୍ରସାଦ ଅଭିଯୋଗ କରିବା ସହିତ ଏହାର ଖୋଳତାଡ ପାଇଁ ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ଆୟକର ବିଭାଗ ହସ୍ତକ୍ଷେପ ପାଇଁ ସେ ଦାବି ଜଣାଇଥିଲେ। ହେଲେ ସବୁଠୁ ରୋଚକ କଥାଟି ହେଉଛି, ରାଜ୍ୟରେ ୧୮ ବର୍ଷ କାଳ କଂଗ୍ରେସ ଶାସନ କ୍ଷମତାରୁ ଦୂରେଇ ଯିବା ସହ ଏଯାବତ୍ ଜନମାନସରେ ନିଜର ସ୍ଥିତିକୁ ସୁଧାରି ପାରିନାହିଁ। କିନ୍ତୁ ରାଜ୍ୟରେ ଚାଲିଥିବା ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ଅଣଦେଖା କରି ପ୍ରସାଦ କେନ୍ଦ୍ର ଶାସନରେ କିଭଳି ଦୁର୍ନୀତି ଚାଲିଛି ତାହା ଦର୍ଶାଇବାକୁ ଚାହିଁଛନ୍ତି। ଦୁର୍ନୀତି ବିରୋଧରେ ଲଢ଼େଇ କରିବା ଭଲ ନେତୃତ୍ୱର ଦାୟିତ୍ୱ ହୋଇଥିଲେ ବି ନିଜ ଚାରିପାଖର ଘଟୁଥିବା ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ନଉଠାଇ ଦୂର ପର୍ବତକୁ ଟେକା ଫିଙ୍ଗିବାରେ ରାଜନୈତିକ ଫାଇଦା କେତେ ତାହା ଭାବିବା ଉଚିତ। ଓଡ଼ିଶାରେ ଏଭଳି ଅସଂଖ୍ୟ ପ୍ରସଙ୍ଗ ରହିଛି, ଯେଉଁଥିରେ ପ୍ରସାଦ ରାଜ୍ୟ ସରକାରଙ୍କୁ ଘେରି ପାରିବେ। ରାଜ୍ୟ ବେଳକୁ ପ୍ରସାଦ ନିରବ ରହି କେନ୍ଦ୍ର ବେଳକୁ ଫଁ କାଢ଼ିବାର ରହସ୍ୟ କ'ଣ ଲୋକେ ତାହା ଜାଣିବାକୁ ମନ ଦେଲେଣି। ତେଣୁ ପ୍ରଥମେ ନିଜ ଘରକୁ ସଜାଡି ବାହାରକୁ ପାଦ କାଢ଼ିଲେ ମାନ, ମହତ ବଢ଼ିଥାଏ, ଏ କଥାକୁ ଭୁଲିଯିବା ଉଚିତ୍ ନୁହେଁ। ରାହୁଲଙ୍କ ସ୍ୱରରେ ସ୍ୱର ମିଳାଇ ପ୍ରସାଦ ଯଦି ଏଭଳି କହୁଥାନ୍ତି, ତେବେ ଏଥିରେ ରାଜ୍ୟର ଫାଇଦା କେତେ ତାହା ଅନୁମାନ ସାପେକ୍ଷ। ଅନ୍ୟପକ୍ଷରେ ରାଜ୍ୟରେ କଂଗ୍ରେସର ନିରବତାରୁ ଫାଇଦା ଉଠାଇଥିବା ବିଜେଡିର ଟାଣୁଆ ନେତା ତଥା ବରିଷ୍ଠ ମନ୍ତ୍ରୀ ଡା. ଦାମୋଦର ରାଉତ କହିଛନ୍ତି ଯେ, ଶାହା ନିଜ ପୁଅକୁ ଆୟୁଧ କରି ବିପୁଳ ସମ୍ପତ୍ତି ଠୁଳ କରିଛନ୍ତି। କେନ୍ଦ୍ରରେ ଭାଜପା ନିୟନ୍ତ୍ରଣରେ ସରକାର ଗଠନ ହେବା ପରେ ଶାହାଙ୍କ ସମ୍ପତ୍ତି ୧୬ ହଜାର ଗୁଣ ବଢ଼ିବା ବିଚିତ୍ର ନୁହେଁ ବୋଲି ମଧ୍ୟ ଟିପ୍ପଣୀ କରିଛନ୍ତି ଡା. ରାଉତ। ନିଜ ପ୍ରତିକ୍ରିୟାରେ ସେ ଆହୁରି ମଧ୍ୟ କହିଛନ୍ତି, ଏଭଳି ଘଟଣାରେ ଆଶ୍ଚର୍ଯ୍ୟ ହେବାର କାରଣ କିଛିନାହିଁ। ଅମିତ ଶାହା ଜଣେ ଅପରାଧି ପ୍ରକୃତିର ବ୍ୟକ୍ତି, ଯିଏ କି ଗୁଜୁରାଟ ଦଙ୍ଗାରେ ସମ୍ପୃକ୍ତ ଥାଇ ଏବେ ଅଦାଲତରେ ହାଜର ହେଉଛନ୍ତି। ଜଣେ ସଟ୍ଟାବେପାରୀ ପକ୍ଷରେ ଦୁର୍ନୀତି କରିବା କିଛି ବଡ କଥା ନୁହେଁ ବୋଲି ଶାହାଙ୍କୁ ଟାର୍ଗେଟ୍ କରି କହିଥିଲେ ଡା.ରାଉତ। ସୂଚନାଯୋଗ୍ୟ, ପୂର୍ବରୁ ବିଜେଡିର ଜନ ସମ୍ପର୍କ ଯାତ୍ରା ଉପଲକ୍ଷେ ଆୟୋଜିତ ଏକ ସମାବେଶରେ ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥାରେ ଉଲ୍ଲଘଂନ କରୁଛନ୍ତି ବୋଲି ମଧ୍ୟ ଅଭିଯୋଗ କରିଥିଲେ। କେନ୍ଦ୍ର-ରାଜ୍ୟ ଲଢ଼େଇରେ ଆଉ ଟିକେ ଘିଅ ଢାଳିଛନ୍ତି ମୁଖ୍ୟମନ୍ତ୍ରୀ। ତେବେ 'ଦ ୱେୟାର' ଦାବି କରିଥିବା ପ୍ରସଙ୍ଗକୁ ନେଇ ଜୟ ଶାହା ଅପରାଧିକ ମାନହାନି ମାମଲା ଦାଏର କରିଥିବା ଜଣାଯାଇଛି। ଉଲ୍ଲେଖଯୋଗ୍ୟ ଜୟଙ୍କ କମ୍ପାନୀ ମୁଖ୍ୟତଃ ସେୟାର କାରବାରରେ ବ୍ୟବସାୟ ଆରମ୍ଭ କରି ପରେ ପବନ ଶକ୍ତି କାରବାରରେ ପ୍ରବେଶ କରିଥିଲା। ଏହାପରେ ତାଙ୍କ ଟେମ୍ପଲ ଏଣ୍ଟରପ୍ରାଇଜର୍ସ କୃଷିଜାତ ସାମଗ୍ରୀ କାରବାରକୁ ପ୍ରାଧାନ୍ୟ ଦେଇଥିଲା। ସୂଚନା ଅନୁସାରେ ପୂର୍ବରୁ ରବର୍ଟ ଭଦ୍ରାଙ୍କ ଡିଏଲ୍ଏଫ୍ କାରବାରର ପର୍ଦ୍ଦାଫାଶ କରିଥିବା ସାମ୍ବାଦିକା ରୋହିଣୀ ସିଂ ଅମିତ ଶାହାଙ୍କ ପୁଅ ଜୟଙ୍କ କମ୍ପାନୀ ସମ୍ପର୍କରେ ଏଭଳି ତଥ୍ୟ ରଖି ପୁଣିଥରେ ଚର୍ଚ୍ଚାରେ ରହିଛନ୍ତି। ଏହି କମ୍ପାନୀ ସମ୍ପର୍କରେ ମତ ରଖି ରୋହିଣୀ କହିଛନ୍ତି, କ୍ଷମତାରେ ଥିବା ଲୋକଙ୍କୁ ସତ୍ୟ ଜଣାଇବା ମୋର ପ୍ରମୁଖ ଦାୟିତ୍ୱ। ସାହସିକତାର ସହ ସେ ସାମ୍ବାଦିକତା କରୁଛନ୍ତି, ତେଣୁ କୌଣସି ଭୟ ଓ ଚାପ ଆଗରେ ମୁଣ୍ଡ ନୁଆଁଇବେ ନାହିଁ।

### ବିଭ୍ରାନ୍ତରେ ...

ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରନ୍ତୁ ବୋଲି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସିପିଏମ୍ ତରଫରୁ ପୂର୍ବରୁ ଦାବିପତ୍ର ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ସହିତ କୌଣସି ପରାମର୍ଶ ନକରି ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ଡ୍ୟାମ୍ ନିର୍ମାଣ କରିଚାଲିଛି। କେନ୍ଦ୍ର ସରକାର ଜାଣତରେ ଛତିଶଗଡ଼ ସରକାର ମହାନଦୀରେ ଡ୍ୟାମ୍ ନିର୍ମାଣ ଜାରି ରଖିଛନ୍ତି। ତେଣୁ ଓଡ଼ିଶା ସରକାର ତୁରନ୍ତ କେନ୍ଦ୍ର ସରକାର ଓ ସୁପ୍ରିମକୋର୍ଟଙ୍କ ନିକଟରେ ଛତିଶଗଡ଼ର ଡ୍ୟାମ୍ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ଦାବି କରନ୍ତୁ ବୋଲି ସିପିଏମ୍ କହିଛି। ଏଥିସହିତ ନିର୍ମାଣ ହୋଇଥିବା ଡ୍ୟାମ୍ର ଗେଟ୍ ଖୋଲିଦେବାକୁ ମଧ୍ୟ ସିପିଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଶ୍ରୀ ପତି ଦାବି କରିଛନ୍ତି। ଟ୍ରିବ୍ୟୁନାଲ୍ ଗଠନ ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିବା ସହିତ ବର୍ଷକ ମଧ୍ୟରେ ଟ୍ରିବ୍ୟୁନାଲ୍ ତା'ର ରାୟ ପ୍ରକାଶ କରିବାକୁ ସିପିଏମ୍ ଦାବି କରିଛି।

### ତଲୱାର ...

ଭରପୁର କୋର୍ଟରୁମ୍ରେ ଖଣ୍ଡପୀଠ ରାୟ ଶୁଣାଇ କହିଥିଲେ, ଡାକ୍ତର ଦମ୍ପତିଙ୍କୁ ସିବିଆଇ ଦୋଷୀ ପ୍ରମାଣିତ କରିପାରି ନାହିଁ। ସେମାନେ ହତ୍ୟା କରିଛନ୍ତି ବୋଲି ସିବିଆଇ ସେଭଳି କୌଣସି ସିଦ୍ଧାନ୍ତରେ ଉପନୀତ ହୋଇନାହିଁ। ତେଣୁ ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ରେକର୍ଡ ହୋଇଥିବା ପ୍ରମାଣ ଭିତ୍ତିରେ ଡାକ୍ତର ଦମ୍ପତିଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ପାରିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ୨୦୦୮ ମେ' ୧୬ରେ ଏହି ଡାକ୍ତର ଦମ୍ପତିଙ୍କ ନୋଏଡା ବାସଭବନରୁ ତାଙ୍କର ୧୪ ବର୍ଷର କନ୍ୟା ଆରୁଶିର ମୃତଦେହ ବେଡ୍ରୁମ୍ରୁ ମିଳିଥିଲା। ଏହି ହତ୍ୟାକାଣ୍ଡରେ ଘରୋଇ ଚାକର ହେମ୍ରାଜ୍ (୪୫) ସମ୍ପୃକ୍ତ ଥିବା ସନ୍ଦେହ କରାଯିବାର ୨ ଦିନ ପରେ ତା'ର ମୃତଦେହ ଘରର ସିଡି ନିକଟରୁ ମିଳିଥିଲା। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବାନେଇ ସନ୍ଦେହ ପ୍ରକାଶ ପାଇଥିଲା। ଏହି ଡବଲ୍ ମର୍ଡର ଘଟଣାରେ ତଲୱାର୍ ଦମ୍ପତିଙ୍କୁ ଗିରଫ କରାଯାଇଥିଲା। ପୁଲିସ୍ ପକ୍ଷରୁ ଏହି ହତ୍ୟାକାଣ୍ଡର ତଦନ୍ତରେ ଉତ୍ତରପ୍ରଦେଶରେ ଘୋର ଅସନ୍ତୋଷ ପ୍ରକାଶ ପାଇବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାୟାବତୀ ଏହାର ତଦନ୍ତ ଦାୟିତ୍ୱ ସିବିଆଇକୁ ନ୍ୟସ୍ତ କରିଥିଲେ। ଏବେ ଆହ୍ଲାବାଦ ହାଇକୋର୍ଟ ତଲୱାର୍ ଦମ୍ପତିଙ୍କୁ ଦୋଷମୁକ୍ତ କରିଥିବାରୁ ଏହା ବିରୋଧରେ ସିବିଆଇ କିଭଳି ପଦକ୍ଷେପ ନେବ, ତାହା ସ୍ପଷ୍ଟ ହୋଇନାହିଁ। ସିବିଆଇ ପକ୍ଷରୁ କୁହାଯାଇଛି, ଏହି ରାୟକୁ ପ୍ରଥମେ ଅନୁଧ୍ୟାନ କରାଯିବ ଏବଂ ତାପରେ ଏହା ବିରୋଧରେ ଅପିଲ୍ କରାଯିବ କି ନାହିଁ, ସେ ବିଷୟ ସ୍ଥିର ହେବ। ସେତେବେଳେ ସିବିଆଇ ଟିମ୍ର ନେତୃତ୍ୱ ନେଉଥିବା ଏପି ସିଂହ ହାଇକୋର୍ଟଙ୍କ ରାୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, 'ଆମ ତଦନ୍ତରେ କିଛି ତ୍ରୁଟିବିଚ୍ୟୁତି ରହିଥିଲା। ଯେଉଁଥିପାଇଁ ଆମେ ତଦନ୍ତ ବନ୍ଦ କରିଦେଇଥିଲୁ। ତେବେ ରାୟରେ ତଲୱାର୍ ଦମ୍ପତି ଏଭଳି କରିନାହାନ୍ତି ବୋଲି କୁହାଯାଇ ନାହିଁ।

### ବିଜେଡି ...

ରାଜ୍ୟ ବିଜେପି ନେତାମାନଙ୍କୁ ୯ଟି ପ୍ରସଙ୍ଗରେ ପ୍ରଶ୍ନ ପଚାରି ଉତ୍ତର ରଖିବାକୁ ଦାବି କରିଥିଲେ। ଡା. ରାଉତ ୧୭ବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ଓ ବିଜେପି ଶାସିତ ଉକ୍ତ ୪ଟି ରାଜ୍ୟର ଅଭିବୃଦ୍ଧି ସମ୍ପର୍କରେ ରାଜ୍ୟବାସୀଙ୍କ ପାଖରେ ତଥ୍ୟ ରଖିବାକୁ ବିଜେପି ନେତାମାନଙ୍କୁ ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୈନିକ ୧ଲକ୍ଷ ୧୫ହଜାର ଟଙ୍କାର ପୋଷାକ ଓ ଜୋତା ପିନ୍ଧା, ୧୩୪ଟି ରାଷ୍ଟ୍ରକୁ ମୋଦିଙ୍କ ଗସ୍ତ, ୩ବର୍ଷ ମଧ୍ୟରେ ଶାସନମୁଖ୍ୟ ହିସାବରେ ଗୋଟିଏ ବି ଥର ସାମ୍ବାଦିକ ସମ୍ମିଳନୀ ନକରିବା, କଳାଟଙ୍କା ଫେରାଇ ଆଣି ପ୍ରତି ପରିବାରକୁ ୧୫ଲକ୍ଷ ଟଙ୍କା ଦେବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ଗୁଣ କରିବା, ପ୍ରତିବର୍ଷ ୨ କୋଟି ଯୁବକଯୁବତୀଙ୍କୁ ନିଯୁକ୍ତି ଦେବା, ବିଜେପି ଜାତୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ପୁଅର କମ୍ପାନୀର କାରବାର ୧୬ହଜାର ଗୁଣ କିଭଳି ବଢ଼ିଲା ଓ ବିମୁଦ୍ରାକରଣ ଘୋଷଣା ହେବା ପୂର୍ବରୁ ନୂଆ ନୋଟ୍ ଛପା ହୋଇଥିଲା କି ଆଦି ପ୍ରସଙ୍ଗରେ ଡାକ୍ତର ରାଉତ ସିଧାସଳଖ ମୋଦି ଓ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିଜେଡିର ରାଷ୍ଟ୍ର ଦଖଲ କରିବାରେ ଅଭୀପ୍ସା ନାହିଁ। କିନ୍ତୁ କେନ୍ଦ୍ରରେ ଯେଉଁମାନେ ଶାସନରେ ରହୁଛନ୍ତି, ସେ କଂଗ୍ରେସ ହେଉ କି ବିଜେପି ହେଉ କିମ୍ବା ଏନ୍‌ଡିଏ ହେଉ, ଏହି ଦଳର ମୁଖ୍ୟମାନେ ଓଡ଼ିଶା ଦଖଲ କରିବା ପାଇଁ ବ୍ୟସ୍ତ ହୋଇପଡୁଛନ୍ତି। ସଂଘୀୟ ସମ୍ବିଧାନରେ ସବୁ ରାଜ୍ୟର ସମାନ ବିକାଶ ପାଇଁ ଯେଉଁ ନୀତି ଆଦର୍ଶ ଅଛି ଏବଂ ଏହାର ଆଧାରରେ ଗଣତାନ୍ତ୍ରିକ ବିଧିବିଧାନ ଓ ପରମ୍ପରା ରହିଆସିଛି। ମୋଦି କ୍ଷମତାକୁ ଆସିଲା ପରେ ସବୁ ବିଧିବିଧାନ ଓ ପରମ୍ପରାକୁ ଭୁଲି ଶାସନ କରୁଛନ୍ତି। ସେ ସମାଲୋଚନା କରି ମତ ରଖିଛନ୍ତି ମୋଦିଙ୍କର ଗୋଟିଏ ଲକ୍ଷ୍ୟ, ଦେଶର ୩୦ଟି ଯାକ ରାଜ୍ୟରେ ବିଜେପିକୁ କ୍ଷମତାକୁ ଆଣିବା ଓ ମନଇଚ୍ଛା ଶାସନ କରିବା।

**ଅନ୍ୟପଟେ** ଦଳର ମୁଖପାତ୍ର ସଜ୍ଜନ ଶର୍ମା ଏ ଘଟଣାରେ ଡା. ରାଉତଙ୍କୁ ଆକ୍ଷେପ କରି 'ଗାଲୁଆଙ୍କ ବାରବାଟୀ ଚାଷ' ବୋଲି କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ରାଜ୍ୟ ସମସ୍ୟା ନେଇ ଜବାବ ମାଗିଛନ୍ତି। ଶ୍ରୀ ଶର୍ମା କହିଛନ୍ତି, 'ବିଜେପି ପକ୍ଷରୁ ବିଗତ ଦିନମାନଙ୍କରେ ଯେଉଁ ସବୁ ପ୍ରଶ୍ନ ଉଠାଯାଇଛି, ତା'ର ଉତ୍ତର ଦାମବାବୁ ଦେଲେ ନାହିଁ। ସେ ପ୍ରଶ୍ନ କ'ଣ ପଚାରିବେ? ଆଜି ଓଡ଼ିଶାବାସୀଙ୍କ ସାମ୍ନାରେ ପ୍ରଶ୍ନ, ଦାମବାବୁ ପ୍ରଶଂସା କରି କହିଲେ, ଡାକ୍ତରଖାନାରେ ପ୍ରସବ ସଂଖ୍ୟା ବଢ଼ିଛି। କିନ୍ତୁ ଓଡ଼ିଶାର ମା', ଭଉଣୀମାନେ ଖୋଲା ଆକାଶ ତଳେ, ରାସ୍ତାକଡ଼ରେ, ଡଙ୍ଗାରେ, ଗାଡ଼ିରେ ପ୍ରସବ କରିବା ପାଇଁ କାହିଁକି ବାଧ ହେଉଛନ୍ତି? ଏହା କ'ଣ ଅସତ୍ୟ? ଏହା କ'ଣ ଅପପ୍ରଚାର? କାହିଁକି ଚାଷୀକୂଳର ଉତ୍ପାଦନ ବଢ଼ିଛି ବୋଲି ଅପପ୍ରଚାର କରୁଛନ୍ତି? ଦାମବାବୁ ଯେଉଁ ପ୍ରଶ୍ନ ଉଠାଇଛନ୍ତି, ତାହା କେବଳ ଓଡ଼ିଶାର ନୁହେଁ, ସାରା ଭାରତବର୍ଷର। କିନ୍ତୁ ଦାମୋଦର ହେଉଛନ୍ତି କୃଷିମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ହେଉଛନ୍ତି ନବୀନ ପଟ୍ଟନାୟକ। ଏଣୁ ସେ ଓଡ଼ିଶାବାସୀଙ୍କୁ ଉତ୍ତର ଦେବା ଦରକାର, କାହିଁକି ୧୭ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ଓଡ଼ିଆ ଶିଖି ପାରିଲେ ନାହିଁ। ତାଙ୍କ ବାପାଙ୍କ ଜନ୍ମ ଶତବାର୍ଷିକୀରେ ମଧ୍ୟ କାଗଜ ଦେଖି ପଢୁଛନ୍ତି। ଓଡ଼ିଆ ଯୁବକମାନଙ୍କୁ କେତେ ରୋଜଗାର ଦେଇଛନ୍ତି? ସ୍ୱାଭାବିକ ଭାବରେ ଓଡ଼ିଶାବାସୀଙ୍କ ଉତ୍ତର ସେ ଦେବା କଥା। ବିଜେଡି ଏକ ଆଞ୍ଚଳିକ ଦଳ ଭାବରେ ତା'ର ଯେଉଁ ଦାୟିତ୍ୱ ସମ୍ପାଦନ କରିବା କଥା, ଏହାକୁ ଭୁଲିଯିବା ଉଚିତ ନୁହେଁ। ନବୀନ ପଟ୍ଟନାୟକ କେତେ ପଇସା ଖର୍ଚ୍ଚ କରୁଛନ୍ତି, ଏଇଟା ପ୍ରଶ୍ନ ହୋଇନି। ପ୍ରଶ୍ନ ହେଉଛି, ଓଡ଼ିଶାର ବିକାଶ ପାଇଁ ନବୀନବାବୁଙ୍କର ଅବଦାନ କ'ଣ? ବର୍ତ୍ତମାନ ବିଜେଡି ଅସୂୟା ଭାବରେ ଜର୍ଜରିତ ହୋଇ ଏଭଳି କରୁଛି।

### ବିଦା ହେବେନି ...

ଦିନ ଧାର୍ଯ୍ୟ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର, ବିଚାରପତି ଏଏମ୍ ଖାନ୍‌ୱିଲ୍‌କର୍ ଓ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ରୋହିଙ୍ଗ୍ୟାଙ୍କୁ ଦେଶରୁ ବିଦା କରିବା ଯୋଜନାରୁ ବର୍ତ୍ତମାନ ପାଇଁ ନିବୃତ୍ତ ରହିବାକୁ ସରକାରଙ୍କୁ କହିବା ସହ ଖଣ୍ଡପୀଠ କହିଛନ୍ତି, "ଏହା ଏକ ବଡ଼ ପ୍ରସଙ୍ଗ। ଏହାର ବ୍ୟାପକତା ରହିଛି, ତେଣୁ ଏ କ୍ଷେତ୍ରରେ ରାଷ୍ଟ୍ରର ଗୁରୁ ଦାୟିତ୍ୱ ରହିଛି। ଏଭଳି ପରିସ୍ଥିତିରେ ସରକାରଙ୍କୁ ଏଥିପାଇଁ ବହୁମୁଖୀ ନୀତି ଅନୁସରଣ କରିବାକୁ ପଡ଼ିବ।" ରୋହିଙ୍ଗ୍ୟାଙ୍କୁ ଦେଶରୁ ବିଦା କରିବା ପାଇଁ ସରକାରଙ୍କ ପଦକ୍ଷେପକୁ ଚ୍ୟାଲେଞ୍ଜ୍ କରି ୨ଜଣ ଶରଣାର୍ଥୀଙ୍କ ପକ୍ଷରୁ ହୋଇଥିବା ଆବେଦନ ଉପରେ ଖଣ୍ଡପୀଠ କହିଛନ୍ତି, "ସନ୍ଦେହରେ କେବଳ ଆଗେଇ ନଯାଇ ମାନବିକତା ଦିଗକୁ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। କିନ୍ତୁ ଜାତୀୟ ସ୍ୱାର୍ଥକୁ ମଧ୍ୟ ଦୃଷ୍ଟି ଦେବାକୁ ହେବ।" ଆବେଦନ-କାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ୍ ଫଲି ଏସ୍ ନରିମାନ୍ କହିଥିଲେ, ରୋହିଙ୍ଗ୍ୟାମାନେ ମୁସ୍‌ଲିମ୍ କିମ୍ବା ହିନ୍ଦୁ ହୁଅନ୍ତୁ ପଛେ, ସେମାନେ ଆତଙ୍କବାଦୀ ନୁହଁନ୍ତି।

### ୩୧ରେ ମରୁଡି ...

୯୮ଟି ବ୍ଲକରେ ଆର୍ଦ୍ରତାହୀନତା ସୃଷ୍ଟି ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି ବୋଲି ମୁଖ୍ୟ ସଚିବ କହିଛନ୍ତି। ତେବେ ଏନେଇ ଆସନ୍ତା ୨୨ ତାରିଖରେ ପଞ୍ଚାୟତଓ୍ୱାରୀ ଜିଲ୍ଲାପାଳମାନଙ୍କ ରିପୋର୍ଟ ପହଞ୍ଚିବ। ଏହି ରିପୋର୍ଟଗୁଡ଼ିକୁ ଅନୁଶୀଳନ କରିବା ପରେ ରାଜ୍ୟରେ ବାସ୍ତବ ମରୁଡ଼ି ସ୍ଥିତି ସମ୍ବନ୍ଧରେ ଜଣାପଡ଼ିବ ବୋଲି ସେ କହିଛନ୍ତି। ତେବେ ନୂଆପଡ଼ା, ବଲାଙ୍ଗିର ଏବଂ ବରଗଡ଼ ଜିଲ୍ଲାର ପଦ୍ମପୁର ସବ୍‌ଡିଭିଜନ୍‌ରେ ଅଧିକ ଶୁଷ୍କ ପରିସ୍ଥିତି ସୃଷ୍ଟି ହୋଇଥିବା ସେ କହିଛନ୍ତି। ଏହିସବୁ ଜିଲ୍ଲାଗୁଡ଼ିକରେ ଉଠା ଜଳସେଚନ ପଏଣ୍ଟ୍ ଏବଂ ଡିପ୍ ବୋରୱେଲ୍ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହିତ ପୁରୁଣା ପଏଣ୍ଟ୍‌ଗୁଡ଼ିକର ସ୍ଥିତି ପରଖି ସେଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଶୁଷ୍କସ୍ଥିତି ସୃଷ୍ଟି ହୋଇଥିବା ବ୍ଲକଗୁଡ଼ିକରେ ଶ୍ରମଭିତ୍ତିକ ପ୍ରକଳ୍ପ ଆରମ୍ଭ କରିବା, ପାନୀୟ ଜଳ ଯୋଗାଣ ଏବଂ ଗୋ-ଖାଦ୍ୟ ନିଶ୍ଚିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ୍ କହିଛନ୍ତି। ରାଜ୍ୟର ମରୁଡ଼ି ଅଞ୍ଚଳ ଚିହ୍ନଟ ପାଇଁ ରାଜ୍ୟ ସରକାର ଏଥର ନୂଆ ପଦ୍ଧତି ଆପଣାଇବେ ବୋଲି ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିସାରିଛନ୍ତି। ଆଗରୁ ଫସଲ କଟା ରିପୋର୍ଟ ଆଧାରରେ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଉଥିବା ବେଳେ ଚଳିତ ବର୍ଷ ଠାରୁ ଶୁଷ୍କ ଅବଧିକୁ ଭିତ୍ତି କରି ମରୁଡ଼ିଗ୍ରସ୍ତ ଅଞ୍ଚଳ ଚିହ୍ନଟ କରାଯିବ। ଜିଲ୍ଲାପାଳମାନଙ୍କ ଠାରୁ ରିପୋର୍ଟ ମିଳିବା ପରେ ଯେଉଁ ଅଞ୍ଚଳରେ ଲଗାତାର ତିନି ସପ୍ତାହ ଧରି ହାରାହାରି ବର୍ଷା ଠାରୁ ୫୦ ପ୍ରତିଶତରୁ କମ୍ ବୃଷ୍ଟିପାତ ହୋଇଛି, ସେହି ସବୁ ଅଞ୍ଚଳକୁ ମରୁଡ଼ିଗ୍ରସ୍ତ ଅଞ୍ଚଳ ବୋଲି ଘୋଷଣା କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ ଗତ ୧୬ ତାରିଖ ଦିନ ରାଜ୍ୟରେ ମରୁଡ଼ି ପରିସ୍ଥିତି ନେଇ ୭ ଦିନ ମଧ୍ୟରେ ପଞ୍ଚାୟତଓ୍ୱାରୀ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜସ୍ୱମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ମନ୍ତ୍ରିସ୍ତରୀୟ ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟରେ ୧୪ଟି ଜିଲ୍ଲାର ୩୦ଟି ବ୍ଲକ୍‌ରେ କମ୍ ବର୍ଷା ହୋଇଛି ଏବଂ ଏଥିରେ ପାଖାପାଖି ୪୦ ହଜାର ହେକ୍ଟର ଜମିରେ ମରୁଡ଼ି ହୋଇଥିବା ଅନୁମାନ କରାଯାଉଛି ବୋଲି ସେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଇତିମଧ୍ୟରେ ରାଜ୍ୟର କିଛି ସ୍ଥାନରେ ବର୍ଷା ହୋଇଥିବା କାରଣରୁ ମରୁଡ଼ି ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ମରୁଡ଼ି ପ୍ରଭାବିତ ବ୍ଲକ୍ ସଂଖ୍ୟା ୧୦୩ରୁ ୯୮କୁ ଖସିଛି।









# ମହାସମାରୋହରେ ଶେଷ ହେଲା କେନ୍ଦ୍ରାପଡ଼ାର ଗଣପର୍ବ

**କେନ୍ଦ୍ରାପଡ଼ା :** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେନ୍ଦ୍ରାପଡ଼ା ସହରରେ ଧୂମ୍‌ଧାମରେ ପାଳିତ ହୋଇଯାଇଛି ଜିଲ୍ଲାର ଗଣପର୍ବ ତଥା ଗଜଲକ୍ଷ୍ମୀ ପୂଜା। ବିଭିନ୍ନ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ସହିତ ବିଭିନ୍ନ ଦେବାଦେବୀଙ୍କ ସୁନ୍ଦର ପ୍ରତିମାମାନ ସାଙ୍ଗକୁ ଉତ୍ତମ ସାଜସଜ୍ଜା ତଥା ଚିତ୍ତାକର୍ଷକ ଉଜ୍ଜ୍ୱଳ ଆଲୋକିତ ତୋରଣ ଗୁଡ଼ିକ ଦେଖିବାକୁ ମିଳିଥିଲା। ତେବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ତଥା ମାର୍ଶାଘାଇ, ମହାକାଳପଡ଼ା, ନିକିରାଇ, ଚାନ୍ଦୋଳ, ବାଲିଆ, ପଟ୍ଟାମୁଣ୍ଡାଇ ଇତ୍ୟାଦି ଅଞ୍ଚଳରେ ୩୦୦ ଶହରୁ ଉର୍ଦ୍ଧ୍ୱ ଗଜଲକ୍ଷ୍ମୀ ମେଢ ମଣ୍ଡପରେ ପୂଜାପାଇଥିବା ବେଳେ ସହର ମଧ୍ୟରେ ପ୍ରାୟ ୭୦ଟି ପୂଜା ମଣ୍ଡପ ଖୁବ୍ ଆକର୍ଷିତ କରିଥିଲା ଦର୍ଶକଙ୍କୁ। ସୂଚନାଯୋଗ୍ୟ ଯେ, ଗତ ୫ତାରିଖ କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀରେ ପୂଜାରେ ଆରମ୍ଭ ହୋଇଥିବା ଏହିପୂଜା ଉତ୍ସବ ୧୧ ତାରିଖରେ ମୂର୍ତ୍ତି ବିର୍ସଜନ ହେଲା ପରେ ୧୨ ଓ ୧୩ ତାରିଖରେ ମେଲଣ ତଥା ଭଷାଣୀ ଶୋଭାଯାତ୍ରା ହୋଇଥିଲା ବିଭିନ୍ନ ଢଙ୍ଗରେ। ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ଏହି ଗଣପର୍ବକୁ ଚଳିତ ବର୍ଷ ଆହୁରି ଉଚ୍ଚକୋଟିର ଓ ସରସସୁନ୍ଦର କରିବାକୁ ପ୍ରତ୍ୟେକ ପୂଜାକମିଟିର ଆୟୋଜକମାନେ ଲାଗିପଡ଼ିଛନ୍ତି। ଚଳିତ ବର୍ଷ ପୂର୍ବ ଅପେକ୍ଷା ବିଭିନ୍ନ ମେଢରେ ଚାନ୍ଦି ଓ ସୁନାର ଅଳଙ୍କାର ପରିମାଣ ବଢ଼ିଛି। ତେଣୁ ପରିବର୍ତ୍ତିତ ଯୁଗାନୁସାରେ ପ୍ରତ୍ୟେକୁ ମେଢ଼ର କଳେବର ମଧ୍ୟ ବଦଳିଚାଲିଛି। ଇତି ମଧ୍ୟରେ ସହର ମଧ୍ୟରେ ଥିବା ଅଧିକାଂଶ ପୂଜାକମିଟିରେ ନୂତନତ୍ୱ ଦେଖିବାକୁ ମିଳିଛି। ତେଣୁ ପ୍ରତି ବର୍ଷପରି ଚଳିତ ପୂଜାସିଜିନ୍‌ରେ ମଧ୍ୟ ବିଭିନ୍ନ ସ୍ଥାନରେ ଭଳିକିଭଳି କଳାକୁଞ୍ଜ ମଧ୍ୟ ଦର୍ଶକମାନଙ୍କୁ ଖୁବ୍ ଆକର୍ଷିତ କରିଥିଲା ଆଉ ତା' ସହିତ ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯକ୍ରମ ପାଲ୍ଲା, ଭଜନ ସମାରୋହ ଓ ଅର୍କେଷ୍ଟ୍ରା ପାର୍ଟି ମଧ୍ୟ ଦର୍ଶକଙ୍କ ମନକୁ ମନରଞ୍ଜନ କରିଥିଲେ। ପୂଜା ମଣ୍ଡପର ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ୍ ବିଭାଗର ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ କେନ୍ଦ୍ରାପଡ଼ା ଗସ୍ତରେ ଆସି ଏହି ଉତ୍ସବରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ସଂପର୍କରେ ଏସ୍‌ପି ଦୟାନିଧି ଗୋଛାୟତ, ଅତିରିକ୍ତ ଏସ୍‌ପି ବିକାଶ ଦାସ ଓ ଉପଜିଲ୍ଲାପାଳ ଡ଼ଃ କାହ୍ନୁ ଚରଣ ଧିର୍ ପ୍ରମୁଖଙ୍କ ସହ ସମୀକ୍ଷା କରିଥିଲେ। ଏଥିପାଇଁ ମୋଟ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବାସହ ୨ଜଣ ଅତିରିକ୍ତ ଏସ୍‌ପି, ୬ଜଣ ଡ଼ିଏସ୍‌ପି/ଅସିଷ୍ଟାଣ୍ଡ କମାଣ୍ଡାଟ୍, ୧୧ଜଣ ଇନ୍ସପେକ୍ଟର, ୯୦ଜଣ ଏସ୍‌ଆଇ/ଏଏସ୍‌ଆଇ, ୧୬ଜଣ ହାବିଲଦାର୍, ୧୬୬ଜଣ କନେଷ୍ଟବଳ ଓ ୩୦୦ ଗୃହରକ୍ଷୀଙ୍କୁ ମୁତୟନ ହୋଇଥିଲେ। ଏହା ସହ ୧୨ଟି ସ୍ଥାନରେ ସ୍ୱତନ୍ତ୍ର ତନଖି ଫାଟକ କରାଟାଇଛି ଯେଉଁଠି ୨୪ଘଣ୍ଟିଆ ପୁଲିସ୍ ଜଗିରହିଥିଲେ। ତେବେ ଭସାଣି ବେଳେ କେତେକ ସ୍ଥାନରେ ମେଢ଼ ପାଖରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ମୟୁରୀ ବଜାରର ପକ୍ଷରୁ ଲକି ଡ୍ର'
# ବିଜେତାଙ୍କୁ ପୁରସ୍କାର

**କେନ୍ଦ୍ରାପଡ଼ା :** ସହର ମଧ୍ୟରେ ଥିବା ବଡ଼ହାଟସ୍ଥିତ ମୟୁରୀ ବଜାର ପକ୍ଷରୁ ଭାଗ୍ୟଶାଳୀ ବିଜେତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏଥିନିମନ୍ତେ ସେପଟେମ୍ବର ୩୦ତାରିଖରେ ଲକି ଡ୍ର କରାଯାଇଥିଲା। ଗରାପୁରସ୍ଥିତ ମୟୁରୀ ପ୍ୟାଲେସ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅରବିନ୍ଦ ସ୍ୱାଇଁ ପ୍ରଥମ, ଯଶୋବନ୍ତ ଦ୍ୱିତୀୟ ଏବଂ ସେକ୍ ସାହାବୁଦ୍ଦିନ୍ ତୃତୀୟ ଭାବେ ଭାଗ୍ୟଶାଳୀ ବିଜେତା ଘୋଷିତ ହୋଇଥିଲେ। ତେବେ ପ୍ରଥମ ପୁରସ୍କାର ହୋଣ୍ଡାସାଇନ୍ ବାଇକ୍, ଦ୍ୱିତୀୟ ପୁରସ୍କାର ରେଫ୍ରିଜେଟର୍ ଓ ତୃତୀୟ ବାଜେତାଙ୍କୁ ଏଲଇଡ଼ି ଟିଭି ପ୍ରଦାନ କରାଯାଇଥିଲା। ଏଥିସହ ସାନ୍ତନା ମୂଳକ ପୁରସ୍କାର ଭାବେ ଆର୍କେଷଣୀୟ ବ୍ୟାଗ୍ ଓ ମୋବାଇଲ୍ ଫୋନ୍ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ମୀର୍ ସମସେର ଅଲ୍ଲୀ ବିଜେତାଙ୍କୁ ପୁରସ୍କାର ବିତରଣ କରିଥିବା ବେଳେ ଅନୁଷ୍ଠାନର ମୀର୍ ମୁଜାଫର ଅଲ୍ଲୀ, ମୀର୍ ହାଇଦର ଅଲ୍ଲୀ, ମୀର ସାବିର ଅଲ୍ଲୀ, ମୀର ଉମର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ଆଇଏଏସ୍ ଅମ୍ରିତ ରତୁରାଜ ହେଲେ ଗୁଣପୁର ଉପ-ଜିଲ୍ଲାପାଳ

**ରାୟଗଡା :** ଗୁଣପୁର ଉପଖଣ୍ଡର ନୂତନ ଉପଜିଲ୍ଲାପାଳ ଭାବେ ଯୁବ ଆଇଏଏସ୍ ଅଧିକାରୀ ଅମ୍ରିତ ରତୁରାଜ ବିଦାୟୀ ଉପଜିଲ୍ଲାପାଳ ବସନ୍ତ ସାହୁଙ୍କ ଠାରୁ ଦାୟିତ୍ୱଭାର ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ଯୋଜନାର ସୁଫଳ ରୂପାୟନ ପାଇଁ ଜନସାଧାରଣ ଓ ଗଣ ପ୍ରତିନିଧିମାନଙ୍କ ସହଯୋଗ କାମନା କରିଥିଲେ । ଯୋଜନାର ସୁଫଳ ପାଇଁ ମୁଁ ଅଧିନସ୍ଥ ତଳିଆ କର୍ମଚାରୀଙ୍କ ଠାରୁ ଆରମ୍ଭକରି ଓ ସମସ୍ତ ଅଧିକାରୀଙ୍କ ସହଯୋଗୀ ସୂଚାରୁରୂପେ କାର୍ଯ୍ୟ ତୁଲାଇବେ ବୋଲି ମତ ପ୍ରକାଶ କରିଥିଲେ । ଏକ ସ୍ୱତନ୍ତ୍ର ସାକ୍ଷାତକାରରେ 'ଏକମାତ୍ର'କୁ କହିଥିଲେ ଯେ, ଗୁଣପୁର ଉପଖଣ୍ଡର ଏକ ସ୍ୱତନ୍ତ୍ର



ଐତିହ୍ୟ ରହିଛି । ଏହାକୁ ବଜାୟ ରଖିବା ସହ ନିୟମଗିରି ଅଞ୍ଚଳରେ ଡଙ୍ଗରିଆ କନ୍ଧ ଓ ପୁଟାସିଙ୍ଗ ଅଞ୍ଚଳର ଲାଞ୍ଜିଆ ସୌରାଙ୍କ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ସେମାନଙ୍କ ଉନ୍ନତିପାଇଁ ଦୃଷ୍ଟି ଦେବେ। ଅମ୍ରିତ ୧୦.୦୫.୧୯୯୨ ମସିହାରେ ଅର୍ବିଭକ୍ତ କୋରାପୁଟ ଜିଲ୍ଲାର ଉମରକୋଟ ଅଞ୍ଚଳରେ ଜନ୍ମ ଗ୍ରହଣ କରି ଜାଜପୁର ଜିଲ୍ଲା ସ୍କୁଲରେ ୨୦୦୭ ମସିହାର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉନ୍ନିତ ରେଭେନ୍ସା ଜୁନିୟର କଲେଜରେ ୧୦+୨ ବିଜ୍ଞାନ ପାସ୍ କରି ପରବର୍ତ୍ତୀ ସମୟରେ ବିଜ୍ଞାନରୁ ରାଜନୀତି ବିଜ୍ଞାନକୁ ବଦଳାଇ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଗ୍ରାଜୁଏସନ କରିଥିଲେ । ପରେ ଜେଏନୟୁ ବିଶ୍ୱବିଦ୍ୟାଳୟ ନ୍ୟୁଦିଲ୍ଲୀରେ ଏମ୍‌ଫିଲ୍ କରିବା ସହ ୨୦୧୫ ମସିହାରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମସୁରିଠାରେ ଅବସ୍ଥାପିତ ଲାଲବାହାଦୁର ଶାସ୍ତ୍ରୀ ଜାତୀୟ ଏକାଡେମିରେ ପ୍ରଶାସନିକ ତାଲିମ୍ ସମାପ୍ତ କରି କେନ୍ଦ୍ର ସରକାରଙ୍କ ଅଧିନରେ ତିନିମାସ ପାଇଁ ଆସିଷ୍ଟାଣ୍ଟ ସେକ୍ରେଟାରି ରୂପେ ଅବସ୍ଥାପିତ ହୋଇ ପ୍ରଥମ ଥର ପାଇଁ ଗୁଣପୁର ଉପଖଣ୍ଡର ଉପଜିଲ୍ଲାପାଳ ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ମାଲକାନଗିରି, ରାୟଗଡା ଓ କୋରାପୁଟ ଅଞ୍ଚଳରେ ସେ ରହିଥିବା ପ୍ରକାଶ କରିଥିଲେ । ଗଜପତି ଜିଲ୍ଲାର ଗୁମ୍ମ ବ୍ଲକରେ ଶ୍ରୀ ଅମ୍ରିତଙ୍କ ପିତା ଗୋଷ୍ଠୀଉନ୍ନୟନ ଅଧିକାରୀ ରୂପେ କାର୍ଯ୍ୟକରିଥିବା ସମୟରେ ସେ ଗୁଣପୁର ଅଞ୍ଚଳକୁ ବୁଲିବାକୁ ଆସିଥିଲେ । ପୁନଶ୍ଚ ଗୁଣପୁର ଅଞ୍ଚଳର ଉନ୍ନତି ପାଇଁ ଯଥା ସମ୍ଭବ ଚେଷ୍ଟା କରିବି। ଜନ ସାଧାରଣଙ୍କର ସହଯୋଗ କାମନା କରିଥିଲେ । ଗୁଣପୁର ଅଞ୍ଚଳରେ ଜଣେ ଯୁବ ଆଏଏସ ଅଫିସରଙ୍କୁ ପାଇ ଗୁଣପୁର ମାଟି ଆଜି ଗର୍ବିତ । କାରଣ ସେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜନ୍ମ ଗ୍ରହଣ କରି ଏହି ଅଞ୍ଚଳର ପାଣି ପବନ ସହ ସୁପରିଚିତ ।

# କଳିଙ୍ଗ ବାଲିଯାତ୍ରା ମହୋତ୍ସବର ଶୁଭ ଅନୁକୂଳ



**ପାରାଦୀପ :** ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଭୂମି ପୂଜା ବେଳାଭୂମୀର ବିଜୁ ମୈଦାନ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଅଧ୍ୟକ୍ଷା ଯାମିନୀ ଷଡଙ୍ଗି, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କମିଟିର ଉପାଧ୍ୟକ୍ଷ ବିଶ୍ୱଜିତ୍ ବିଶ୍ୱାଳ, କୁଜଙ୍ଗ ତହସିଲିଦାର ଓ କମିଟିର ଆବାହକ ତଥା ସଂମ୍ପାଦକ ବାସୁଦେବ ଶତପଥି, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ମୁନିସିପାଲିଟି ନିର୍ବାହୀ ଅଧିକାରୀ ଓ କମିଟିର କୋଷାଧ୍ୟକ୍ଷ ଦିଲୀପ କୁମାର ମହାନ୍ତି ଙ୍କ ସମେତ ବହୁ ସଂଖ୍ୟାରେ ପାରିଷଦ ଓ ବାଲିଯାତ୍ରା କମିଟିର ସଭ୍ୟ ସଭ୍ୟାମାନେ ଉପସ୍ଥିତ ଥିଲେ ।




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି